

# କଟକ ସିଟି

## ଆଜିଠୁ ଆଇପିଏଲ୍

# ବେଟିଂ ପାଇଁ ବୁକି ସଜବାଜ

କଟକ, ୨୧।୩(ସମିସ):

ଭାରତୀୟ ଘରୋଇ କ୍ରିକେଟର ମହାକୁମ୍ଭ, ଇଣ୍ଡିଆନ ପ୍ରିମିୟର ଲିଗ୍ ତଥା ଆଇପିଏଲ। ବିଶ୍ୱର ସମସ୍ତ ପେଷାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁଡିକ ଭିତରେ ଆଇପିଏଲ ପ୍ରତି କ୍ରିକେଟପ୍ରେମୀଙ୍କ ଉତ୍କଣ୍ଠା ଅଧିକ। ଶୁକ୍ରବାର ଠାରୁ ଆଇପିଏଲ ୧୭ତମ ସଂସ୍କରଣର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ। ଉଦଘାଟନୀ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଦୁଇ ଶକ୍ତିଶାଳୀ ଦଳ ଚେନ୍ନାଇ ସୁପର କିଙ୍ଗସ(ସିଏସ୍‌କେ) ଏବଂ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର(ଆରସିବି)। ତେବେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ବେଟିଂ ପାଇଁ ବୁକିମାନେ ପ୍ରସ୍ତୁତ ହେଲେଣି। ସହରର ଅନେକ ଯୁବପୀଢ଼ୀ ମଧ୍ୟ ବେଟିଂ ଲଗାଇବା ପାଇଁ ସଜ ହୋଇ ରହିଲେଣି। ଏହି ବେଆଇନ ଟଙ୍କା କାରବାର କଟକରେ ଦୀର୍ଘବର୍ଷ ହେବ ଚାଲିଥିଲେ ମଧ୍ୟ ପୁଲିସ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହିଁ। ତେବେ ପୁଲିସ ଏଭଳି କାରବାର ଉପରେ ନିହାତି ରୂପେ କଡା ନଜର ରଖିବ ବୋଲି ଅତିରିକ୍ତ ଡିସିପି ଅନୀଲ ମିଶ୍ର କହିଛନ୍ତି।



ଆଇପିଏଲର ବେଟିଂ କାରବାର କଟକରେ ବହୁବର୍ଷ ହେବ ଚାଲିଛି। ବେଟିଂ ବିଭିନ୍ନ ତରିକାରେ ହୋଇଥାଏ। ଟଙ୍କା ନେଣଦେଣ ପାଇଁ ଶହ ଶହ ବେଆଇନ ମୋବାଇଲ ଆପ୍ଲିକେସନ ଉପଲବ୍ଧ ରହିଛି। ଯାହାକି ସିଧାସଳଖ ପ୍ଲେଷ୍ଟୋରରୁ ଡାଉନଲୋଡ ହୁଏନାହିଁ। ଏହି ନକଲି ଆପ୍ଲିକେସନ ଗୁଡିକ ଗୁଗଲରୁ ଡାଉନଲୋଡ କରାଯାଉଛି। ଏହି ସବୁର ପରିଚାଳନା ଓ ତଦାରଖ ପାଇଁ ହ୍ୱାଟସଆପ ଏବଂ ଟେଲିଗ୍ରାମ ଆପ୍ଲିକେସନର ବ୍ୟବହାର ହେଉଛି। ହ୍ୱାଟସଆପ ଏବଂ ଟେଲିଗ୍ରାମ ଆପ୍ଲିକେସନରେ ଅନେକ ଗ୍ରୁପ ତିଆରି କରି ଯୁବଗୋଷ୍ଠୀଙ୍କୁ ଯୋଡ଼ା ଯାଉଛି। ଲୋଭର ବଶବର୍ତ୍ତୀ ହେଉଥିବା ଯୁବପୀଢ଼ୀ ବେଟିଂରେ

### ସକ୍ରିୟ ହେଲାଣି ମାଲମାଲ ବେଆଇନ ଆପ୍ଲିକେସନ

### ଟେଲିଗ୍ରାମ, ହ୍ୱାଟସଆପ୍‌ରେ ଯୋଡ଼ି ହେଉଛନ୍ତି ଯୁବଗୋଷ୍ଠୀ

ସାମିଲ ହେଉଛନ୍ତି। କେହି କେହି ଆଇପିଏଲର ଗୋଟିଏ ସଂସ୍କରଣରେ ଲକ୍ଷପତି ହେଉଥିବା ବେଳେ ଆଉ କେହି ଅନେକ କ୍ଷତି ସହୁଛନ୍ତି। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଗୋଟିଏ ଟିମ ଉପରେ ଟଙ୍କା ଲଗାଇବାକୁ ପଡେ। ଯଦି ୧ହଜାର ଟଙ୍କା ବେଟିଂରେ ଲଗାଯାଏ, ଦଳ ଜିତିଲେ ୧୮୦୦ଟଙ୍କା ଫେରସ୍ତ ଆସେ। ଆଉ ଦଳ ପରାଜୟର ସମ୍ମୁଖୀନ ହୁଏ, ମୂଳ ଟଙ୍କା ବି ହରାଇବାକୁ ପଡେ। ବେଆଇନ ଆପ୍ଲିକେସନରେ ଏଭଳି ଢ଼ଙ୍ଗରେ କାରବାର ଜୋରଦାର ଜାରି ରହିଛି।

ଅପରପାର୍ଶ୍ୱରେ ମୋବାଇଲ କଲ୍ ଜରିଆରେ କଟକର ସାହିବସ୍ତିରେ ମଧ୍ୟ ଚାଲିଛି ଆଇପିଏଲ ବେଟିଂ। ସିଡିଏ ଠାରୁ ନେଇ ବିଦ୍ୟାଧରପୁର ପର୍ଯ୍ୟନ୍ତ, ବିଭିନ୍ନ ଅଞ୍ଚଳରେ କିଛି ଯୁବକ ଏକାଠି ହୋଇ ଏହି କାରବାର ଚଳାଇଥାନ୍ତି। ମ୍ୟାଚ୍ ପୂର୍ବରୁ ଯେଉଁ ଦଳ ଉପରେ ବାଜି ଲଗାଇବାକୁ ପଡେ ସେଥି ନିମନ୍ତେ ୟୁପିଆଇ ଜରିଆରେ ଟଙ୍କା ଅଗ୍ରୀମ ଆକାରରେ ଦେବାକୁ ହୋଇଥାଏ। ଏହି କାରବାରରେ ଲାଭ ଦୁଇଗୁଣା। ୧୦୦ଟଙ୍କା ବିନିଯୋଗ କଲେ ୨୦୦ ଲାଭାଂଶ ମିଳେ। କିଛି ବର୍ଷ ପୂର୍ବେ ହରିପୁର ଅଞ୍ଚଳରେ ୩ ଯୁବକଙ୍କୁ ଆଇପିଏଲ ବେଟିଂ ଅଭିଯୋଗରେ ପୁଲିସ ଗିରଫ କରିଥିଲା। ମାତ୍ର ଏହି ବେଆଇନ କାରବାର ବିରୋଧରେ ପୁଲିସ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିବା କେବେ ନଜରକୁ ଆସିନାହିଁ।

**● ଓଡ଼ିଆରେ ଧାରା ବିବରଣୀ ପାଇଁ ଦାବି**

ଆଇପିଏଲ୍‌ରେ ଏଥର ଶୁଣିବାକୁ ମିଳିବନି ଓଡିଆ ଧାରା ବିବରଣୀ। ଆଗାମୀ ପାଞ୍ଚ ବର୍ଷ ପାଇଁ ଭାରତୀୟ କ୍ରିକେଟ ଓ ଆଇପିଏଲ୍ ପ୍ରସାରଣର ଷ୍ଟ୍ରିମିଙ୍ଗ ଅଧିକାର ଭାୟକମ୍ ଏଇଟିନ (ଜିଓ) ହାତେଇବା ପରେ ଓଡିଆ ଭାଷାରେ ଧାରା ବିବରଣୀ ଶୁଣିବାକୁ ଓଡିଆ ଦର୍ଶକମାନଙ୍କର ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଗତବର୍ଷ ଆଇପିଏଲ୍‌ରେ ଓଡ଼ିଆ ସମେତ ବାରଟି ଭାଷାରେ ଧାରା ବିବରଣୀ ଶୁଣିବାକୁ ମିଳିଥିଲା। କିନ୍ତୁ ବର୍ତ୍ତମାନ ଜିଓ ତରଫରୁ ସମସ୍ତ ସ୍ପଷ୍ଟୀକରଣ କରାଯାଇଛି ଯେ ଭାରତୀୟ କ୍ରିକେଟର ସମସ୍ତ ମ୍ୟାଚ୍‌ରେ ଏଥର ଓଡ଼ିଆକୁ ଛାଡ଼ି ଅନ୍ୟ ଏଗାରଟି ଭାଷାରେ ହିଁ ଧାରା ବିବରଣୀ ଦିଆହେବ। ଚଳିତ ବର୍ଷ ଆଇପିଏଲ୍‌ରେ ମଧ୍ୟ ଓଡିଆ ବାଦ୍ ପଡ଼ିବା ଏକ ପ୍ରକାରର ସ୍ପଷ୍ଟ ହୋଇଯାଇଛି। ଓଡିଆ ଭଳି ଶାସ୍ତ୍ରୀୟ ଓ ଲୋକପ୍ରିୟ ଭାଷାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳରେ ଅଣଦେଖା କରାଯିବାର ଦେଖିବାକୁ ମିଳିଛି। ଏହା ପୂର୍ବରୁ ଏକ ଘରୋଇ ଜାତୀୟ ଚାନେଲ ମଧ୍ୟ ହିନ୍ଦୀ, ଇଂରାଜୀକୁ ଛାଡି, ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ୍, ବଙ୍ଗଳା ଭାଷାକୁ ମନୋନୀତ କଲାବେଳେ ଓଡିଆକୁ ଅଣଦେଖା କରିଥିଲା। ଜିଓ ମଧ୍ୟ ସେଇ ସମାନ ଢ଼ଙ୍ଗରେ ଓଡିଆ ଭାଷା ପ୍ରେମୀମାନଙ୍କୁ ନିରାଶ କରିଛି। ଏହାକୁ ବୁଦ୍ଧିଜୀବୀ, ଭାଷାପ୍ରେମୀ ଓ ଖେଳପ୍ରେମୀମାନେ ପ୍ରତିବାଦ କରିବା ସହିତ ଦୁଃଖ ପ୍ରକାଶ କରିଛନ୍ତି। ସାଢ଼େ ଚାରିକୋଟି ଓଡ଼ିଆଙ୍କ ସମ୍ମାନ ଓ ସ୍ୱାଭିମାନ ପାଇଁ ଆଇପିଏଲ୍ ଓଡ଼ିଆ ଧାରା ବିବରଣୀକୁ ସ୍ଥାନ ଦେବା ପାଇଁ ଦାବି ହୋଇଛି।

# ଛାତ୍ରୀଙ୍କ ଆତ୍ମହତ୍ୟା

**କଟକ, ୨୧।୩(ସମିସ):** ମାଲାଗୋଦାମ ଥାନା ଅଞ୍ଚଳରେ ଜଣେ ଯୁକ୍ତ ଦୁଇ କଲେଜ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତା ଜଣକ ହେଲେ ଯୋବ୍ରା ମଝି ସାହିରେ ରହୁଥିବା ସ୍ୱପ୍ନା ବେଉରା(୧୮)। ମାଲଗୋଦାମ ଥାନା ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

ପୁଲିସ ସୂଚନା ଅନୁସାରେ, ସ୍ୱପ୍ନା କେଶବଚନ୍ଦ୍ର ସାହୁ ମହିଳା କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ପଢୁଥିଲେ। ତାଙ୍କର ବାପା, ମାଆ ଦୀର୍ଘ ଦିନ ହେବ ଅଲଗା ରହୁଛନ୍ତି। ମାଆ ଜଗତପୁର ଠାରେ ରହି ଏକ ଘରୋଇ ସଂସ୍ଥାରେ କାମ କରୁଛନ୍ତି। ଦୀର୍ଘବର୍ଷ ହେବ ସ୍ୱପ୍ନା ଯୋବ୍ରା ମଝିସାହି ସ୍ଥିତ ତାଙ୍କ ମାମୁଁ ଘରେ ରହିଆସୁଥିଲେ। ଆଈ ତାଙ୍କର ଭଲମନ୍ଦ ବୁଝାସୁଝା କରୁଥିଲେ। ତେବେ ଆଜି ସକାଳେ ଆଈ ତାଙ୍କୁ କମ୍ପ୍ୟୁଟର କ୍ଲାସ ଯିବା ପାଇଁ କହଥିଲେ। ମାତ୍ର ସ୍ୱପ୍ନା ଯିବାକୁ ମନା କରିଥିଲେ। ଏହାକୁ ନେଇ ଆଈ ବିରକ୍ତି ପ୍ରକାଶ କରିଥିଲେ। କିଛି ସମୟ ପରେ ଆଈ ଆସି ଦେଖିଲେ ଯେ, ସ୍ୱପ୍ନା ନିଜ ରୁମ୍‌ର ଫ୍ୟାନରେ ବେକରେ ଓଢଣୀ ବାନ୍ଧି ଝୁଲି ପଡ଼ିଛନ୍ତି। ସାହିପଡ଼ିଶାଙ୍କ ସହଯୋଗରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲା। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ପ୍ରାଥମିକ ତଦନ୍ତରୁ ସ୍ୱପ୍ନା ଆତ୍ମହତ୍ୟା କରିଥିବା ପୁଲିସ ସ୍ପଷ୍ଟ ହୋଇଛି। ମାତ୍ର ଆତ୍ମହତ୍ୟାର ସଠିକ କାରଣ ଜଣାପଡ଼ିନାହିଁ। ଅନ୍ୟପଟେ, ସ୍ୱପ୍ନାଙ୍କର ସାମାନ୍ୟ ମାନସିକ ରୋଗ ଥିବା ପରିବାର ଲୋକେ ପୁଲିସକୁ ଜଣାଇଛନ୍ତି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ପୂର୍ବତନ କର୍ପୋରେଟର ମନୋଜ ସେଠୀ ଜିଲ୍ଲା ଉପସଭାପତି ମନୋନୀତ

**କଟକ, ୨୧।୩(ସମିସ):** ବିଜେଡି ନେତା, ପୂର୍ବତନ କର୍ପୋରେଟର ତଥା ଅଭିନେତା ମନୋଜ ସେଠୀଙ୍କୁ ବିଜୁ ଜନତା ଦଳ କଟକର ଉପସଭାପତି ଭାବେ ମନୋନୀତ କରାଯାଇଛି। ଏ ସଂକ୍ରାନ୍ତରେ ବିଜେଡି କଟକ ଜିଲା ସଭାପତି ତଥା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଏକ କାର୍ଯ୍ୟାଳୟ ଆଦେଶ ଜରିଆରେ ସ୍ପଷ୍ଟ କରାଯାଇଛି। ନୂତନ ଭାବେ ମନୋନୀତ ଉପସଭାପତି ଶ୍ରୀ ସେଠୀ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଜିଲ୍ଲା ସଭାପତି ତଥା ସାଂସଦ ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ



ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବିଧାୟକ ସୌଭିକ ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ପଦ ପାଇବା ପରେ ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ ସେ କାର୍ଯ୍ୟ ଜୋରଦାର କରିବେ ବୋଲି ପ୍ରକାଶ କରିଛନ୍ତି।

# ବୁଥସ୍ତରୀୟ ସାଂଗଠନିକ ପ୍ରସ୍ତୁତି ବୈଠକ



କଟକ, ୨୧।୩(ସମିସ):

ଆଜି ସନ୍ଧ୍ୟାରେ ୱାର୍ଡ ନଂ-୨୨ ବୁଥସ୍ତରୀୟ ଏକ ସାଂଗଠନିକ ପ୍ରସ୍ତୁତି ବୈଠକ ବାରବାଟୀ କଟକ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ କିପରି ସଂଗଠନକୁ ଆହୁରି ସୁଦୃଢ଼ କରାଯିବ ଏବଂ କିପରି ଭାବେ ଅଧିକରୁ ଅଧିକ ଯୁବକ, ମହିଳାମାନେ ସଂଗଠନରେ ଯୋଡ଼ି ହେବେ ସେଥିପାଇଁ ତଳସ୍ତରକୁ ଯାଇ ଲୋକମାନଙ୍କ ସହିତ କାମ କରିବାକୁ ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ୱାର୍ଡ ଅଞ୍ଚଳରେ ଏକ କର୍ମୀ ସମ୍ମିଳନୀ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଅନିତା ନାୟକ, ବିରଜା ଦାସ, ସେକ ଅଜିଜ, ଶେଷଦେବ ସାହୁ, ରଣା ବାବୁ, ସେକ ଇରଫାନ, ଅଜୟ ଗୋଛାୟତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ପଖାଳ ଦିବସ

**କଟକ, ୨୧।୩(ସମିସ):** ମିଶନ ରୋଡ଼ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ବିଦ୍ୟାଳୟରେ ଅଧ୍ୟକ୍ଷ ରେଭେରେଣ୍ଡ ଡିକନ ମୋଯେଶ ମହାନ୍ତିଙ୍କ ପୌରହିତ୍ୱରେ ବିଦ୍ୟାଳୟ ପରିସରରେ ପଖାଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ବିଶପ ରାଇଟ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ, ଷ୍ଟିୱାର୍ଟ ସ୍କୁଲ ସମୂହର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇନଜୀବୀ ବିଭୁଦତ୍ତ ଦାସ, କଟକ ଡାଇଓସିଏସନ ଶିକ୍ଷା ବୋର୍ଡର ସମ୍ପାଦକ ଏଫସି ନର୍ଥ, ରେଭେରେଣ୍ଡ ପରିତୋଷ ରାଉତ, ରେଭେରେଣ୍ଡ ପଙ୍କଜ ସାହାଣୀ, ରେଭେରେଣ୍ଡ ସୌରଭ ସମ୍ପଦ ନାଗ, କଟକ ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷା ଡି ମାର୍ଟିନା ପ୍ରମୁଖ ଯୋଗଦେଇ ଓଡ଼ିଶାର ପ୍ରମୁଖ ଖାଦ୍ୟ ପଖାଳ ଉପକାରିତା ବିଷୟରେ ଆଲୋକପାତ କରିବା ସହିତ ପଖାଳ ସେବନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ମିଳିତ ଭାବରେ ପଖାଳ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା




ଶିକ୍ଷକ ଅମୂଲ୍ୟ କୁମାର ବେହେରା ଆୟୋଜନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପଖାଳ ଦିବସ କାର୍ଯ୍ୟକ୍ରମ ଆୟୋଜନରେ ସାହାଯ୍ୟ କରିଥିଲେ।

# ଛାତ୍ରୀଙ୍କୁ ଉଦ୍ଧାର କଲା ଆର୍‌ପିଏଫ୍ ସ୍କ୍ୱାଡ୍




**କଟକ, ୨୧।୩(ସମିସ):** ଟ୍ରେନରେ ଅପହରଣ ବେଳେ ଜଣେ କଲେଜ ଛାତ୍ରୀଙ୍କୁ କଟକ ଆରପିଏଫ ସ୍କ୍ୱାଡ୍ ଆଜି ଉଦ୍ଧାର କରିଛି। ଅପହର୍ତ୍ତା ଯୁବକ ସହିତ ଅପହୃତା ଛାତ୍ରୀଙ୍କୁ ପୁଲିସର ଜିମା ଦିଆଯାଇଛି। ଆରପିଏଫ୍ ସୂଚନା ଅନୁସାରେ, ଗତକାଲି ରାତିରେ ଆରପିଏଫର ଏକ ସ୍କ୍ୱାଡ୍ ଇଷ୍ଟକୋଷ୍ଟ ଏକ୍ସପ୍ରେସରେ ଯାଞ୍ଚ କରୁଥିଲା। ଏହି ସମୟରେ ଟ୍ରେନର ସାଧାରଣ ବଗିରେ ଜଣେ ୧୭ ବର୍ଷୀୟ ନାବାଳିକା ଏକୁଟିଆ ବସିଥିବା ନଜରକୁ ଆସିଥିଲା। ତାଙ୍କୁ ପଚରାଉଚରା ବେଳେ ପାଖରେ ବସିଥିବା ଜଣେ ଯୁବକ ଭୟଭୀତ ହୋଇ ଖସିଯିବାକୁ ଉଦ୍ୟମ କରିଥିଲେ। ଏହାଦେଖି ଆରପିଏଫ୍ ସ୍କ୍ୱାଡ୍ ଉକ୍ତ ଯୁବକକୁ କାବୁ କରିଥିଲା। ନାବାଳିକାଙ୍କୁ ଆରପିଏଫ୍ ପୋଷ୍ଟର ମହିଳା ଓ ଶିଶୁ ହେଲ୍ପ ଡେସ୍କକୁ ଆଣି ପଚରାଉଚରା କରିବାରୁ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଥିଲା। ନାବାଳିକାଙ୍କ ଘର ବାଲେଶ୍ୱର ଜିଲ୍ଲା ଅଗରପଡ଼ା ଥାନା ଅଞ୍ଚଳରେ। ସେ ଯୁକ୍ତ ଦୁଇରେ ପଢୁଛନ୍ତି। ଗତକାଲି ତାଙ୍କର ଶେଷ ପରୀକ୍ଷା ଥିଲା। ସେ ପରୀକ୍ଷା ସରିବା ପରେ କଲେଜରୁ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ଝିଅର ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଅପହରଣ ନେଇ ଥାନାରେ ଏତଲା ଦେଇଥିଲେ। ପୁଲିସ କେସ ନଂ ୫୭/୨୪ର ୩୬୩ ଦଫାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବାଲେଶ୍ୱର ସିମୁଳିଆ ଅଞ୍ଚଳର ଯୁବକ ଜଣକ କଲେଜ ପାଖରୁ ନାବାଳିକାକୁ ଅପହରଣ କରିନେଇଥିଲା। ତାଙ୍କୁ ନେଇ ସେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଉଥିବା ଜଣାପଡ଼ିଥିଲା। ଉଭୟଙ୍କୁ ନିଜ ହେଫାଜତରେ ରଖି ଆରପିଏଫ୍ ଘଟଣା ନେଇ ଅଗରପଡ଼ା ପୁଲିସକୁ ସୂଚନା ପ୍ରଦାନ କରିଛି। ଆଜି ଅଗରପଡ଼ା ଥାନାର ଏକ ଟିମ୍ ସହିତ ନାବାଳିକାର ପରିବାର ସଦସ୍ୟ କଟକରେ ପହଞ୍ଚିବା ପରେ ଉଭୟଙ୍କୁ ସେମାନଙ୍କ ଜିମା ଦିଆଯାଇଛି

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ସିଏମସିର ପ୍ରସ୍ତୁତି

# ୨ଟି କଣ୍ଟ୍ରୋଲ ରୁମ୍ ଖୋଲିଲା ୱାଟକୋ

କଟକ, ୨୧।୩(ସମିସ):

ଆଜି କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ବିଜୁ ଭବନ ଠାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମସି କମିଶନର ବିଜୟ କୁମାର ଦାସ ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବାକୁ ଏଥିରେ ସମ୍ପୃକ୍ତ ଥିବା ସମସ୍ତ ବିଭାଗର ପ୍ରସ୍ତୁତି ରିପୋର୍ଟ ଦାଖଲ କରିବାକୁ ପ୍ରକାଶ କରିଥିଲେ। ୱାଟକୋର ମୁଖ୍ୟ ମ୍ୟାନେଜର ଦେବେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ସହର ପାନୀୟଜଳ ଯୋଗାଣ ୨୪ ଘଣ୍ଟା ପ୍ରଦାନ କରାଯାଉଛି ଓ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ୩୦୯୪ ନଳକୂପ, ୧୫୦୦ ଷ୍ଟାଣ୍ଡ ପଏଣ୍ଟ ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି ବୋଲି କହିଥିଲେ। ଗତ ବର୍ଷ ୪୭ଟି ସିନଟେକ୍ସ ଟାଙ୍କି ବିଭିନ୍ନ ସ୍ଥାନରେ ବସାଯାଇଥିଲା ବେଳେ ଚଳିତ ବର୍ଷ ୧୦୦ ସିନଟେକ୍ସ ଟାଙ୍କି ପ୍ରସ୍ତୁତ ରଖାଯାଇଛି। ସାଧାରଣ ଲୋକଙ୍କ ପାଇଁ ୨୪ ଘଣ୍ଟିଆ ପାଣି ବନ୍ଦୋବସ୍ତ କରାଯାଇଛି। ମହାନଦୀ ବିହାର ଓ କ୍ୟାଣ୍ଟନମେଣ୍ଟ ରୋଡ ଠାରେ ୱାଟକୋ ପକ୍ଷରୁ

**ସହରରେ ୩୦୯୪ ନଳକୂପ ଓ ୧୫୦୦ ଷ୍ଟାଣ୍ଡ ପଏଣ୍ଟ କାର୍ଯ୍ୟକ୍ଷମ**




ଦୁଇଟି କଣ୍ଟ୍ରୋଲ ରୁମ ମଧ୍ୟ ଖୋଲାଯାଇଛି। ଖୁବ ଶୀଘ୍ର ବ୍ୟାଙ୍କ ଓ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକୁ ଡକାଯାଇ ଜଳଛତ୍ର ପାଇଁ ସେମାନଙ୍କ ସହଯୋଗ ନିଆଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ବିହିତ ପଦକ୍ଷପ ଗ୍ରହଣ କରାଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ମହାପାତ୍ର ପ୍ରକାଶ କରିଥିଲେ। କଟକ ସହର ପାଇଁ ୧୧୦ମେଗାୱାଟ ବିଦ୍ୟୁତ ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ତାହା ୧୫୦ ମେଗାୱାଟ ଉପଲବ୍ଧ ଅଛି। ବଡ ଡାକ୍ତରଖାନାରେ ନିରବଚ୍ଛିନ ବିଜୁଳି ଯୋଗାଣ କରାଯାଉଛି। ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ପ୍ରକାଶ କରିଥିଲେ କି ୪ଟି ଡାକ୍ତରଖାନାରେ ଏସି ଥିଲା ବେଳେ ଅନ୍ୟ ଜାଗାରେ ୧୦ ଦିନ ମଧରେ ଏସି ସୁବିଧା କରାଯିବ। ଏହି ବୈଠକରେ ଅତିରିକ୍ତ କମିଶନର ଅନାମ ଚରଣ ପାତ୍ର, ଡେପୁଟି କମିଶନର ଶ୍ୱେତପଦ୍ମା ଡି ଶତପଥୀ, ଡେପୁଟି କମିଶନର ସୁମନ୍ତ କର, ଡେପୁଟି କମିଶନର ଶ୍ୱେତ ସ୍ନିଧା, ଡେପୁଟି କମିଶନର ଅମୃତ ସରକାର, ସିଟି ଇଂଜିନିୟର ଅତନୁ ସାମନ୍ତ, ବିତ୍ତ ଅଧିକାରୀ ସତୀଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଦୁର୍ଘଟଣାରେ ଦୁଇ ଗୁରୁତର



**ଟାଙ୍ଗୀ,୨୧।୩(ସମିସ):** ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ ପ୍ରବେଶ ପଥ ଭାବେ ପରିଗଣିତ ପଶୁପତି ବା ଷ୍ଟେଟ ବ୍ୟାଙ୍କ ଗଡ଼ା ମରଣଯନ୍ତା ପାଲଟିଛି। ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନ ଅକାଳରେ ଝଡ଼ି ପଡ଼ିଥିବାବେଳେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଦୁଇଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ରାଜପଥ ଆମ୍ବୁଲାନ୍ସ ଯୋଗେଁ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଜଣକ ଅବସ୍ଥା ସଂକଟାପନ୍ନ ଥିବା ଜାଣିବାକୁ ମିଳିଛି। ଆହତଙ୍କ ପରିଚୟ ମିଳି ନ ଥିଲେ ହେଁ ସେମାନେ ଟାଙ୍ଗୀ-ହରିପୁର ରାସ୍ତାରେ ଆସି ରାଜପଥ ଅତିକ୍ରମ କରିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଟାଙ୍ଗୀ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଜବତ ପୂର୍ବକ ଆବଶ୍ୟକ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

## ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ କଡ଼ାକଡ଼ି; ୨ ଗିରଫ



**କଟକ,୨୧।୩(ସମିସ):** ମଦ୍ୟପାନ କରି ଗାଡି ଚଳାଇବା ୨ଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଆଜି ସନ୍ଧ୍ୟାରେ ମାତାମଠ ଛକରେ ମଙ୍ଗଳାବାଗ ଥାନା ପୁଲିସ ଦ୍ୱାରା ଯାନବାହାନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ୨ ଜଣ ଯୁବକଙ୍କୁ ଅଟକାଇ ଯାଞ୍ଚ କରିବାରୁ ସେମାନେ ନିଶାଗ୍ରସ୍ତ ଥିବା ଜଣାପଡିଲା। ବ୍ରେଥ୍ ଆନାଲାଇଜର୍ ଯାଞ୍ଚରେ ଜଣଙ୍କ ଶରୀରରେ ଆଲକହଲ ମାତ୍ରା ୧୮୭ ଥିବା ବେଳେ ଅନ୍ୟ ଜଣଙ୍କ ୫୨ ଥିଲା। ନିୟମ ଅନୁସାରେ ପୁଲିସ ୨ ଜଣଙ୍କ ବାଇକ ଜବତ କରିବା ସହ ଉଭୟଙ୍କୁ ଥାନାକୁ ଆଣିଥିଲା। ରାତିରେ ଅଟକ ଯୁବକଙ୍କ ପରିବାର ଲୋକ ଆସି ଅଣ୍ଡରଟେକିଂ ଲେଖି ୨ ଜଣଙ୍କୁ ମୁକୁଳାଇଛନ୍ତି। କିନ୍ତୁ ପୁଲିସ ୨ଟି ଗାଡିକୁ ଜବତ କରିଛି। ମଦ୍ୟପାନ କରି ଗାଡି ଚଳାଇବା ମାମଲାରେ ୧୦ ହଜାର ଲେଖାଏଁ ଜରିମାନା କରାଯାଇଛି। ସେହିପରି ପ୍ରଚୁର ନିଶା ସେବନ କରିଥିବା ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହାବାଦ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ମାମଲାରେ ଖିଲାପକାରୀଙ୍କ ଠାରୁ ଜରିମାନା ଆଦାୟ ହୋଇଥିବା ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

### ସହରରେ ବଢ଼ିଚାଲିଛି ନକଲି ଜର୍ଦ୍ଦା ଓ ପାନମସଲା କାରବାର

# ୧୦୪ ପେଟି ନକଲି ଜର୍ଦ୍ଦା ଜବତ; ୨ ଗିରଫ

- ଦିଲ୍ଲୀର ଗୋପାଳ ଅରୋମେଟିକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ହୋଇଥିଲା ଏତଲା
- ନକଲି କମ୍ପାନୀ ଠାବ ପାଇଁ ଚାଲିଛି ଚଢ଼ଉ
- ୨୨ପାଉଚ୍ ନକଲି ପାନମସଲା ଜବତ

କଟକ,୨୧।୩(ସମିସ)

କଟକ ସହରରେ ବେଧଡକ ଭାବେ ଚାଲିଛି ବେଆଇନ୍ ପାନମସଲା କରବାର। ବ୍ରାଣ୍ଡ କମ୍ପାନୀ ନାଁରେ ପ୍ରସ୍ତୁତ ହେଉଛି ନକଲି ଜର୍ଦ୍ଦା। ଆଜି କ୍ୟାଣ୍ଟନ୍‌ମେଣ୍ଟ ଥାନା ପୁଲିସ ବକ୍ସିବଜାରର ୨ଟି ଦୋକାନ ଉପରେ ଚଢଉ କରି ଲକ୍ଷାଧିକ ଟଙ୍କାର ନକଲି ଗୋପାଳ ଜର୍ଦ୍ଦା ଓ ପାନମସଲା ଜବତ କରିଛି। ଏହି କାରବାର କରୁଥିବା ମେରିଆବଜାର ଅଞ୍ଚଳର ରାକେଶ ପୃଷ୍ଟି (୨୮) ଏବଂ ପେନ୍‌ସନ୍ ଲେନ୍‌ର ଏସ୍.କେ ସାହିଦ୍ ବକ୍ସ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ୨ଟି ଦୋକାନକୁ ସିଲ୍ କରି ଦିଆଯାଇଥିବା ବେଳେ କେଉଁ କମ୍ପାନୀରୁ ନକଲି ଜର୍ଦ୍ଦା ଓ ପାନମସଲା କିଣୁଥିଲେ ତାହାକୁ ପୁଲିସ ଖୋଳତାଡ଼ କରୁଛି। ଅସଲି ଗୋପାଳ ଜର୍ଦ୍ଦାର ଅବିକଳ ନକଲି ବ୍ରାଣ୍ଡ ପ୍ରସ୍ତୁତ କରି ଲୋକଙ୍କୁ ୨ ବର୍ଷ ହେବ ବିକ୍ରି କରୁଥିଲେ। ଏହି ସୂଚନା ଅସଲି ଗୋପାଳ ଜର୍ଦ୍ଦା କମ୍ପାନୀ କର୍ତ୍ତୃପକ୍ଷ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଭଳି ମାଳ ମାଳ ନକଲି ଜର୍ଦ୍ଦା ଓ ପାନମସଲା କଟକ ସହରରେ ଅନେକ ଅସାଧୁ ବ୍ୟବସାୟୀ ବିକ୍ରି କରୁଛନ୍ତି। ସେମାନଙ୍କୁ ଗିରଫ କରିବାକୁ ପୁଲିସ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଛି ବୋଲି ଏଡିସିପି ଅନିଲ୍ କୁମାର ମିଶ୍ର ସୂଚନା ଦେଇଛନ୍ତି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଦିଲ୍ଲୀର ଗୋପାଳ ଅରୋମେଟିକ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ସମଗ୍ର ଦେଶକୁ ଜର୍ଦ୍ଦା ଓ ପାନମସଲା ଯୋଗାଣ କରିଥାଏ। ଗୋପାଳ ବ୍ରାଣ୍ଡର ଅସଲି ଜର୍ଦ୍ଦା ଏହି କମ୍ପାନୀ ପ୍ରସ୍ତୁତ କରି ଡିଲର୍ ଓ ହୋଲସେଲର୍‌ଙ୍କ ଜରିଆରେ ବିଭିନ୍ନ ରାଜ୍ୟରେ ବ୍ୟବସାୟ କରେ। କଟକ ବକ୍ସିବଜାରର ଅଭିଯୁକ୍ତ ରାକେଶ ଓ ସାହିଦ୍ ଗୋପାଳ ବ୍ରାଣ୍ଡର ନକଲି





ଜର୍ଦ୍ଦା ଓ ପାନମସଲା ଆଣି ଦୀର୍ଘ ଦିନ ହେବ ବ୍ୟବସାୟ କରୁଥିଲେ। ଏମାନେ ନକଲି ଜର୍ଦ୍ଦାର ଖୁଚୁରା ବ୍ୟବସାୟ କରିବା ସହିତ ବିଭିନ୍ନ ଜିଲ୍ଲାକୁ ନକଲି ଜର୍ଦ୍ଦା ପଠାଉଥିଲେ। ୩ ମାସ ମାସରେ ଦେଢ଼ କୋଟିରୁ ଅଧିକ ଟଙ୍କାର ନକଲି ଜର୍ଦ୍ଦା କାରବାର କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। କମ୍ପାନୀ ପକ୍ଷରୁ କୈଳାସ ସିଂହ ଚୌହ୍ୱାନ୍ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ଏହି ନକଲି କାରବାର ସମ୍ପର୍କରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଅଫିସର ମୋତିଲାଲ୍ ମାରାଣ୍ଡିଙ୍କ ନେତୃତ୍ୱରେ ଆଜି ଏକ ପୁଲିସ ସ୍କ୍ୱାଡ୍ ବକ୍ସିବଜାରସ୍ଥିତ ନକଲି ଜର୍ଦ୍ଦା ଦୋକାନ ଉପରେ ଚଢ଼ଉ କରିଥିଲା। ଚଢଉ ସମୟରେ ୧୦୪ଟି ବାକ୍ସ ନକଲି ଜର୍ଦ୍ଦା ଓ ୨୨ପାଉଚ୍ ଜର୍ଦ୍ଦା ତଥା ପାନମସଲା ଜବତ କରାଯାଇଥିଲା। ୨ଦୋକାନ ମାଲିକ ରାକେଶ ଓ ସାହିଦ୍‌ଙ୍କୁ ଗିରଫ କରି ଥାନାରେ ପଚରାଉଚରା କରାଯାଇଥିଲା। ସେମାନେ ନକଲି ଜର୍ଦ୍ଦା କେଉଁ କମ୍ପାନୀରୁ ଆଣୁଛନ୍ତି ଏବଂ କିଏ ସେମାନଙ୍କୁ ଏହି ନକଲି ସାମଗ୍ରୀ ଯୋଗାଉଛି, ପୁଲିସ ନିକଟରେ କହିଛନ୍ତି। ଏହି ସୂଚନା ଆଧାରାରେ ପୁଲିସ ନକଲି କମ୍ପାନୀ ଉପରେ ଖୁବ୍‌ଶୀଘ୍ର ଚଢ଼ଉ କରିବ ବୋଲି ଜଣାପଡ଼ିଛି। ୨ଅଭିଯୁକ୍ତଙ୍କ ନାଁରେ ଥାନାରେ କେସ୍ ନଂ-୪୪/ୟୁଏସ୍-୪୨୦/୪୮୨/୨୭୨/୨୭୩/୩୪/ ଆଇପିସି/ସେକ୍ସନ୍-୬୩/କପି ରାଇଟ୍ ଆକ୍ଟରେ ମାମଲା ରୁଜୁ କରାଯାଇଛି।

ଅନ୍ୟପଟେ ୨୦୨୩ ଅଗଷ୍ଟ ମାସରେ ମାଲଗୋଦାମ ପୁଲିସ ମାଲଗୋଦାମ ଫ୍ଲାଏ ଓଭରବ୍ରିଜ୍ ନିକଟରେ ଥିବା ଏକ ଗୋଦାମରେ ଚଢଉ କରି ବିପୁଳ ପରିମାଣର ନିକୋଟିନ୍ ଯୁକ୍ତ ତଥା ଅପମିଶ୍ରିତ ଗୁଟଖା ଓ ଭାଙ୍ଗ ଗୁଳା ଭଳି ନିଶା ସାମଗ୍ରୀ ପେଟି ଜବତ କରିଥିଲା। ଏ ସବୁକୁ ପୁଲିସ ଯାଞ୍ଚ କରିବା ପରେ ୨ଲକ୍ଷ ୨୬ହଜାର ପ୍ୟାକେଟ୍ ନକଲି ଗୁଟ୍‌ଖା ଓ ୮ ଲକ୍ଷ ଭାଙ୍ଗ ଗୁଳା ମିଳିଥିଲା। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୩୫ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଥିଲା। ଏହି ବେଆଇନ କାରବାର ଚଳାଇଥିବା ଦରଘାବଜାର ଅଞ୍ଚଳର ଗୋଦାମ ମାଲିକ କାର୍ତ୍ତିକ ରାମକୁ ପୁଲିସ ପଚରା ଉଚରା କରିବା ପରେ ବହୁ ଚାଞ୍ଚଲ୍ୟକର ତଥ୍ୟ ଜାଣିବାକୁ ପାଇଥିଲା। ସେହିପରି କଟକ ସଦର ଥାନା ସ୍ଥିତ ସିଏମସି ୫୬ନମ୍ବର ୱାଡର୍ ଅନ୍ତର୍ଗତ ମୁକାମେଶ୍ୱର ଅଞ୍ଚଳରେ ଦୀର୍ଘଦିନ ଧରି ଏକ ନକଲି ଜର୍ଦ୍ଦା କାରଖାନା ଚାଲିଥିଲା। ପୂର୍ବରୁ କମିଶନରେଟ୍ ପୁଲିସ ଉକ୍ତ କମ୍ପାନୀ ଉପରେ ଚଢ଼ଉ କରିଥିଲା। ସେଠାରୁ ଏକ ଶହ ବସ୍ତାରୁ ଅଧିକ ପରିମାଣର ଅପମିଶ୍ରିତ ଗୁଣ୍ଡି, ଜର୍ଦ୍ଦା, ପାନମସଲା ଓ ୩୦ କୁଇଣ୍ଟାଲ କେମିକାଲ ଆଦି ଜବତ ହୋଇଥିଲା। ଏଗୁଡ଼ିକ ସୁଦାମ, କେତକୀ, ଗୋପାଳ ଆଦି ନାମୀଦାମୀ କମ୍ପାନୀ ନାମରେ ପ୍ୟାକ କରାଯାଇ ବିକ୍ରି ହେଉଥିଲା। ଯାହାର ଆନୁମାନିକ ମୂଲ୍ୟ ୬୫ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ୨ଟି ସ୍ଥାନରେ ପୁଲିସ ଚଢ଼ଉ କରିବା ପରେ ସହରରେ ନକଲି ଜର୍ଦ୍ଦା ଓ ପାନମସଲା କାରବାର କମିଥିଲା। ଗତ ୩ମାସ ତଳେ ଦରଘାବଜାର ଥାନା ପୁଲିସ ଏକ ନକଲି ଗୁଟ୍‌ଖା ଓ ପାନମସଲା କମ୍ପାନୀ ଠାବ କରି ୨ଜଣଙ୍କୁ ଗିରଫ କରିଥିଲା। ଆଜି ଏହି ନକଲି ଜର୍ଦ୍ଦା ଦୋକାନରେ ଚଢ଼ଉ ପରେ ପୁଲିସ ଆହୁରି କ୍ରିୟାଶୀଳ ହୋଇ ସାରା ସହରରେ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି।

### କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ନିମନ୍ତେ ତ୍ୱରାନ୍ୱିତ ହେବ କାର୍ଯ୍ୟ

# ଜିଲ୍ଲା ପ୍ରଶାସନ ପକ୍ଷରୁ କମିଟି ଗଠନ

କଟକ,୨୧।୩(ସମିସ)

କଟକର ଐତିହାସିକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନିମନ୍ତେ ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ବାଲିଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରଦାନ ନିମନ୍ତେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡକ୍ଟର ଦିବ୍ୟଲୋଚନ ମହାନ୍ତଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଆବାହକ ସଦସ୍ୟ ଏବଂ କଟକ ମହାନଗର ନିଗମ ଡେପୁଟି କମିଶନର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଡେପୁଟୀ କଲେକ୍ଟର ନିଜାରତ ଦୋଳଗୋବିନ୍ଦ ସାହୁ, ଜାତିସଂଘ ଭାରତୀୟ ମହାସଂଘର ଜାତୀୟ କାର୍ଯ୍ୟକାରୀ ସଦସ୍ୟ ଡକ୍ଟର ଦ୍ୱିପାୟନ ପଟ୍ଟନାୟକ, ପ୍ରାକ୍ତନ ଅଧ୍ୟାପକ ଡକ୍ଟର ସହଦେବ ପାତ୍ର, ସମାଜସେବୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ଓ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟର ସଂଗ୍ରହାଳୟ ସଂରକ୍ଷକ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ସଦସ୍ୟ ରହିବେ। ଆବଶ୍ୟକସ୍ଥଳେ ଦସ୍ତାବିଜ୍ ପ୍ରସ୍ତୁତି ପାଇଁ ଯେଉଁମାନଙ୍କର ସହଯୋଗ ଆବଶ୍ୟକ ହେବ ସେମାନଙ୍କର ମଧ୍ୟ ମତାମତ ନଆଯିବ।

ଏଠାରେ ସୂଚନାଯୋଗ୍ୟ, ସାଂସ୍କୃତିକ ଇତିହାସ ସହ ସଂଯୋଗ ଥିବା ଅଭ୍ୟାସ ଯାହା କ୍ରମାଗତ ଭାବେ ବିକଶିତ ହୋଇ ପିଢୀ ପରେ ପିଢୀ ଜାରି ରହିଥିବ ଏବଂ ଜାତିର ପରିଚୟ ସୃଷ୍ଟି କରିବା ସହ ସାମାଜିକ ବ୍ୟବସ୍ଥାକୁ ମଜବୁତ କରୁଥିବ ତଥା ସାଂସ୍କୃତିକ ବିବିଧତାର ସଂରକ୍ଷଣ କରୁଥିବ, ଏହିସବୁ ମାନଦଣ୍ଡକୁ ନେଇ ୟୁନେସ୍କୋ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ କରିଥାଏ। କଟକର ଐତିହାସିକ ବାଲିଯାତ୍ରା ଏହିସବୁ ମାନଦଣ୍ଡ ପୂରଣ କରୁଥିବାରୁ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଏଜେନ୍ସି ଭାବରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ନିଜସ୍ୱ ସଂଜ୍ଞାନ ନିମନ୍ତେ ଜିଲ୍ଲା ପ୍ରଶାସନକୁ ମାଗିଥିବା ତଥ୍ୟ ଖୁବଶୀଘ୍ର ପ୍ରଦାନ କରାଯିବ। ଏଥିରେ କଟକ ବାଲିଯାତ୍ରା ସହ ଯୋଡି ହୋଇଥିବା ଓଡିଶାର ଦୁଇ ହଜାର ବର୍ଷ ପୁରୁଣା ନୌବାଣିଜ୍ୟ ଇତିହାସ, ବୋଇତ ବନ୍ଦାଣ, ଯାତ୍ରା ଆୟୋଜନ, ବାଣିଜ୍ୟ, ଆନ୍ତର୍ଜାତିକ ସମ୍ପର୍କ ଆଦି ବିଷୟ ସାମିଲ ରହିବ। କୌଣସି ବ୍ୟକ୍ତିବିଶେଷ କଟକର ଐତିହାସିକ ବାଲିଯାତ୍ରା ସମ୍ବନ୍ଧିତ ବିଭିନ୍ନ ଐତିହାସିକ ତଥ୍ୟଭିତ୍ତିକ ଦସ୍ତାବିଜ ମହଜୁଦ ରଖିଥିଲେ ସେ ସମ୍ପର୍କରେ ଜିଲ୍ଲା ସଂସ୍କୃତି ବିଭାଗକୁ ମଧ୍ୟ ଅବଗତ କରାଇପାରିବେ। ଏହା କଟକ ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବା କ୍ଷେତ୍ରରେ ସହାୟକ ହୋଇପାରିବ।

## ବୈଶାଖୀ ବାଣିଜ୍ୟ ମେଳାରେ ଜମୁଛି ଲୋକଙ୍କ ଭିଡ଼








### ଏସ୍‌ସିବି କର୍ତ୍ତୃପକ୍ଷଙ୍କ ନିୟମକୁ ଡାକ୍ତରଙ୍କ ଅଣଦେଖା

# ମଧ୍ୟାହ୍ନଭୋଜନରେ ଫାଙ୍କା ପଡୁଛି ଓପିଡି

କଟକ,୨୧।୩(ସମିସ)



ରୋଗୀଙ୍କୁ ଧରି ସମ୍ପର୍କୀୟମାନେ ଘଣ୍ଟାଘଣ୍ଟା ଲାଇନରେ ଛିଡ଼ା ହେଉଛନ୍ତି। ହେଲେ ପାଳି ପଡିବା ବେଳକୁ ଡାକ୍ତରମାନେ ମଧ୍ୟାହ୍ନ ଭୋଜନ ବିରତି କହି କବାଟ କିଳି ଦେଉଛନ୍ତି। କିଛି ଡାକ୍ତର ଆଉଟଡୋର (ଓପିଡି) ଛାଡି ଚାଲିଯାଉଛନ୍ତି। ନିର୍ଦ୍ଦିଷ୍ଟ ଡାକ୍ତରଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁଁ ଏସ୍‌ସିବି ମେଡିକାଲରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ତେବେ ଏହାକୁ ଉପଲବ୍ଧି କରି ଗତ ସେପ୍ଟେମ୍ବର ମାସରେ ଏସ୍‌ସିବି କର୍ତ୍ତୃପକ୍ଷ ଏକ ନିୟମ ଜାରି କରିଥିଲେ। ଏସ୍‌ସିବି ମେଡିକାଲର ଆଉଟଡୋର ନିୟମ ବଦଳିଥିଲା। ସକାଳ ୮.୩୦ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଆଉଟଡୋରର ରୋଗୀ ପଞ୍ଜୀକରଣ କେନ୍ଦ୍ର ଖୋଲା ରହିବ। ୮ ଘଣ୍ଟା ଧରି ଲଗାତାର ଭାବେ ରୋଗୀ ଆଉଟଡୋରରେ ଚିକିତ୍ସା ସେବା ପାଇବେ। ଏହା ଭିତରେ ମଧ୍ୟାହ୍ନ ଭୋଜନ ବିରତି ରହିବ ନାହିଁ। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ଏଭଳି ନୋଟିସ ଜାରି କରିଥିଲେ। ତେବେ ଉକ୍ତ ନିର୍ଦ୍ଦେଶାନାମା ସତ୍ତ୍ୱେ କିଛି ଡାକ୍ତର ଏହା ମାନୁ ନ ଥିବା ନଜରକୁ ଆସୁଛି।

ଏସ୍‌ସିବି ମେଡିକାଲ ବିଭିନ୍ନ ବିଭାଗର ଆଉଟଡୋର ସକାଳ ୯ଟାରେ ଖୋଲୁଥିଲା। ଏହା ଭିତରେ ଦିନ ୧ଟାରୁ ୨ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ବିରତି। ୨ଟାରୁ ପୁଣି ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରୋଗୀ ଦେଖା ହୁଏ। କିଛି ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ, ବିଭିନ୍ନ ବିଭାଗ ଓପିଡିରେ ଡାକ୍ତରମାନେ ସଠିକ ସମୟରେ ଆସୁନାହାନ୍ତି। ମଧ୍ୟାହ୍ନ ଭୋଜନ ବିରତିରେ ମଧ୍ୟ ଓପିଡି ଛାଡି ଚାଲି ଯାଉଛନ୍ତି। ପ୍ରକାଶଯୋଗ୍ୟ, କିଛି ଦିନ ପୂର୍ବେ ଏସ୍‌ସିବି ମେଡ଼ିକାଲ ଚର୍ମରୋଗ ବିଭାଗରେ ଏଭଳି ଏକ ଘଟଣା ଘଟିଥିଲା। ରୋଗୀଣା ଝିଅକୁ ଧରି ବଡ ମେଡ଼ିକାଲକୁ ଆସିଥିବା ଜଣେ ବାପାଙ୍କୁ ଏଠାରେ ହଟହଟା ହେବାକୁ ପଡିଥିଲା। ଘରେ କାମ ଅଛି ବୋଲି କହି ଡାକ୍ତର ଜଣକ ଆଉଟଡୋର ଛାଡ଼ି ପଳାଇଥିଲେ। ସେ ବଡ ମେଡିକାଲରେ ପହଞ୍ଚିବା ବେଳକୁ ସମୟ ଅପରାହ୍ନ ୪.୨୫ ହୋଇଥିଲା। ହେଲେ ସେଠାରେ ତାଙ୍କୁ ଆଉଟଡୋର ଟିକଟ ଦିଆଯାଇ ନ ଥିଲା। ଏ ସଂକ୍ରାନ୍ତରେ ସେଠାରେ ଉପସ୍ଥିତ ଡାକ୍ତରଙ୍କୁ ଜଣାଇଥିଲେ। ହେଲେ ଡାକ୍ତର ଜଣକ ଗାଳିଗୁଲଜ କରିବା ସହ ଏତେ ବିଳମ୍ବରେ କାହିଁକି ଆସିଛ ବୋଲି ପଚାରିଥିଲେ। ଘରେ କାମ ଅଛି ଆଉ ରୋଗୀ ଦେଖିପାରିବି ନାହିଁ ଡାକ୍ତର ଜଣକ କହିବା ସହ ରାଗ ତମତମ ହୋଇ ଉଠି ପଳାଇଥିଲେ। ଏହି ଘଟଣାକୁ ନେଇ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମାଜସେବୀ ଧାରଣା ମଧ୍ୟ ଦେଇଥିଲେ। ବାରମ୍ବାର ଏଭଳି ଘଟଣାମାନ ଘଟିବା ପରେ ଓପିଡି ନିୟମରେ ପରିବର୍ତ୍ତନ ଆଣିଥିଲେ ମେଡିକାଲ କର୍ତ୍ତୃପକ୍ଷ। ହେଲେ ଏହା ଫଳପ୍ରଦ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

# ନିର୍ବାଚନ କାର୍ଯ୍ୟରୁ ଅଧ୍ୟାପକଙ୍କୁ ବାଦ ଦେବାକୁ ଚିଠି ଲେଖିଲେ କୁଳପତି

**କଟକ,୨୧।୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକାଙ୍କୁ ନିର୍ବାଚନ କାର୍ଯ୍ୟରୁ ମୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ରେଭେନ୍ସା କୁଳପତି ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ମାତ୍ର ୪୦ ପ୍ରତିଶତ ଅଧ୍ୟାପକ କାର୍ଯ୍ୟରତ ରହିଛନ୍ତି। ଏଥିସହିତ ବର୍ତ୍ତମାନ ମିଡ୍ ଟର୍ମ ପରୀକ୍ଷା ଚାଲିଛି ଏବଂ ଏପ୍ରିଲ୍‌ରୁ ମେ ମଧ୍ୟରେ ଅନ୍ତିମ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ମୂଲ୍ୟାଙ୍କନ କରାଯିବ ଏବଂ ଫଳାଫଳ ମେ ୩୧ ସୁଦ୍ଧା ପ୍ରକାଶ ପାଇବ। ଏଥିସହ ପାଠ୍ୟକ୍ରମ ସମାପ୍ତି, ପ୍ରକଳ୍ପ ମାର୍ଗଦର୍ଶନ, ପରୀକ୍ଷା ଏବଂ ପରବର୍ତ୍ତୀ ମୂଲ୍ୟାଙ୍କନ ବିଷୟରେ ଅଧ୍ୟାପକମାନେ କଠିନ ଚାପଗ୍ରସ୍ତ। ଏଥିପାଇଁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ରୁଟା ପକ୍ଷରୁ ପୂର୍ବରୁ ଦିଆଯାଇଥିବା ୫୬ ଅଧ୍ୟାପକ ଅଧ୍ୟାପିକାଙ୍କୁ ଏଥିରୁ ବାଦ ଦେବା ପାଇଁ କୁଳପତି ଜିଲ୍ଲାପାଳଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି।



Ravenshaw University
Cuttack
No. 1105 Date. 19-03-2024

To,
The District Election Officer,
Cuttack.

Sub: Request for exemption of all the faculty members of Ravenshaw University from the election assignment.

Ref: Your Office Letter No-1133 Dated 08.03.2024.

Sir,

With reference to the subject cited above, it is to inform you that Professor / Associate Professors and Assistant Professors of Ravenshaw University have been appointed as Presiding Officers for the forth coming General Election-2024 vide letter under reference.

Ravenshaw University Teachers Association (RUTA) has submitted a representation dated 18.03.2024 (copy enclosed) requesting for exemption of all the faculty members from the election assignment due to the reasons as detailed below.

1. The Ravenshaw University is already understaffed: it is functioning with a mere 40 percent of the sanctioned teaching positions.
2. Now the Mid-Term examination is going on and the final semester examinations will be held during April-May.
3. Following the guidelines, the evaluation of answer scripts will be done and the results will be published by May 31, failing which university students will be deprived of many all-India competitive/ entrance examinations.
4. The faculty members are hard-pressed regarding course completion, project guidance, examination and subsequent evaluation.
5. It may kindly be noted, this current semester is a very short one to take care of the above priorities.

In view of the above, I am to request you to kindly exempt all the faculty members from the election assignment of forth coming General Election for the greater interest of the students.

The list of teaching faculties assigned the election duties are enclosed for your kind information and necessary action.

Yours faithfully,

Encl: Representation and list of faculties attached.

Vice Chancellor
Ravenshaw University
Cuttack

Memo No. 1106 Date. 19-03-2024
Copy to Secretary, RUTA / Office of the Registrar / OS / PA to Vice Chancellor for kind information of Vice Chancellor.

Registrar
Ravenshaw University
Cuttack

## ଦୁଃଖ ଦେଇଗଲା ଅଦିନିଆ ବର୍ଷା

# ବ୍ୟାପକ ରବି ଓ ପନିପରିବା ଫସଲ ନଷ୍ଟ

**ସାଲେପୁର,୨୧।୩(ସମିସ):** ଅଦିନିଆ ବର୍ଷା ଯୋଗୁ ସାଲେପୁର ବ୍ଲକ୍ ଅଞ୍ଚଳରେ ବ୍ୟାପକ ମୁଗ, ବିରି ଫସଲ ନଷ୍ଟ ହୋଇଛି। ବିଶେଷ କରି କଲରା ଓ ପୋଟଳ ଫସଲ ନଷ୍ଟ ହୋଇଥିବା ଜଣାଯାଇଛି। ନରଦା ପଞ୍ଚାୟତର ବହୁ ଚାଷ ଜମିରେ ବର୍ଷା ପାଣି ଜମି ରହିଥିବାରୁ ମୁଗ, ବିରି, କଲରା, ପୋଟଳ, ଜହ୍ନି, କାକୁଡ଼ି ବର୍ଷା ପାଣିରେ ବୁଡ଼ିରହିବା ଦ୍ୱାରା ନଷ୍ଟ ହୋଇଯାଇଛି। ସେହିପରି ଛୋଟିପଡ଼ା ଅଞ୍ଚଳରେ ବ୍ୟାପକ ମୁଗବିରି ଫସଲ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଅଦିନିଆ ବର୍ଷା ଯୋଗୁ ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ନରଦା ଗ୍ରାମର ଉପେନ୍ଦ୍ର ସାହୁ, ସନ୍ତୋଷ ଦାସ, ଦିପୁ ଦାସ, ମନମୋହନ ସ୍ୱାଇଁ କିଶୋର ଚନ୍ଦ୍ର ବେହେରା, ଗୌରାଙ୍ଗ ବେହେରା, ରବି ସାହୁ, ଲକ୍ଷ୍ମଣ ସାହୁ, ଧରଣୀଧର ସୁବୁଦ୍ଧି, ବାବାଜୀ ବେହେରା, ହୃଷିକେଶ ମହାନ୍ତି, ଶ୍ୟାମସୁନ୍ଦର ସୁବୁଦ୍ଧି, ଅକ୍ଷୟ ସୁବୁଦ୍ଧି, ଟୁକ ବେହେରା, ନୃସିଂହ ସୁବୁଦ୍ଧି, ଅଲେଖ ସୁବୁଦ୍ଧିଙ୍କର ବ୍ୟାପକ ରବି ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଲେପୁର ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ଦାବି କରିଛନ୍ତି।

# ଅଦିନିଆ ବର୍ଷାରେ ଚାଷୀଙ୍କୁ ଭରସା ଛିଣ୍ଡା ପାଲ

**ଆଠଗଡ଼,୨୧।୩(ସମିସ):** ଗତ ଦୁଇ ଦିନ ଧରି ଆଠଗଡ ଅଞ୍ଚଳରେ ଅଦିନିଆ ଲଗାଣ ବର୍ଷା ଯୋଗୁଁ ପନିପରିବା ଏବଂ ଡାଲି ଜାତୀୟ ଫସଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଜଣାପଡିଛି। ବିଶେଷ କରି ବର୍ତ୍ତମାନ ମୁଗ ଏବଂ ବିରିର ଅମଳ ସମୟ ହୋଇଥିବା ଯୋଗୁଁ ଚାଷୀମାନେ ବର୍ଷା ପୂର୍ବରୁ ତରବରିଆ ଭାବରେ ଉପାଡ଼ିଥିବା ଫସଲ ଗଦାକୁ ରଖିଥିବା ବେଳେ ଛିଣ୍ଡା ଜରି ପାଲରେ ଘୋଡ଼ାଇ ରଖୁଥିବା ଦେଖିବାକୁ ମିଳିଛି। ଗତ ସପ୍ତାହରେ ଆଠଗଡ଼ ଆଖପାଖରେ କୁଆପଥର ବର୍ଷାରେ ଡାଲି ଜାତୀୟ ଶସ୍ୟର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏବେ ଅଦିନିଆ ବର୍ଷା ବେଡି ଉପରେ କୋରଡ଼ା ଭଳି ହୋଇଛି। ଡାଲି ଜାତୀୟ ଶସ୍ୟ ବ୍ୟତୀତ ରବି ଋତୁରେ ହୋଇଥିବା ପରିବା ଫସଲର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଜଣାପଡିଛି। ଶୀତଦିନିଆ ପରିବା ଭାବରେ ବାଇଗଣ, ଝୁଡୁଙ୍ଗ, କଲରା, ବିଲାତି ବାଇଗଣ, ଲଙ୍କା, ବନ୍ଧାକୋବି, ଭେଣ୍ଡି ଜହ୍ନି ଆଦି ପରିବା ଫସଲ ସବୁ ନଷ୍ଟ ହୋଇଯାଇଥିବା ଜଣାପଡିଛି। ଆଠଗଡ଼ ଅଞ୍ଚଳର ସାତଗଡ ଦାଣ୍ଡିର ସମସରପୁର, ଜେନାପଦା, ସଠିଲୋ, ଇଚ୍ଛାପୁର, ଦୋରଡ, କୁଲାଇଲୋ, ଯୋରନ୍ଦା, ମହାକାଳବସ୍ତ, ଆଦି ପଞ୍ଚାୟତର ଶତାଧିକ ଚାଷୀମାନଙ୍କର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଯୋଗୁଁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।



# ୪ ଶିକ୍ଷକ ଓଆର୍‌ଏସ ପାହ୍ୟାକୁ ମନୋନୀତ

**ଟାଙ୍ଗୀ,୨୧।୩(ସମିସ):** କଟକ ଜିଲ୍ଲାର ୪ଜଣ ଶିକ୍ଷକଙ୍କୁ ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ଅଧିକାରୀ ଭାବେ ମନୋନୀତ କରାଯାଇଛି। ଏମାନେ ହେଲେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧିନସ୍ଥ ସାଧୁ ସୁନ୍ଦର ବିଦ୍ୟାପୀଠ ଶାଳଗାଁର ସରୋଜ କୁମାର ଖିଲାର ଓ ପ୍ରତାପ କୁମାର ବେହେରା, କହ୍ନେଇପୁର ଗ୍ରାମପଞ୍ଚାୟତ ବିଦ୍ୟାପୀଠର ବିବେକ ରଞ୍ଜନ ସାହୁ ଓ ଚୌଦ୍ୱାର ମ୍ୟୁନିସିପାଲିଟି ହାଇସ୍କୁଲର ସଞ୍ଜୟ କୁମାର ଭୋଇ। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ମନୋନୀତ ଶିକ୍ଷକଙ୍କ ମଧ୍ୟରେ କଟକ ଜିଲ୍ଲାର ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ହାଇସ୍କୁଲର ୪ଜଣ ଶିକ୍ଷକ ରହିଛନ୍ତି। ଶ୍ରୀ ଖିଲାରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ, ଶ୍ରୀ ବେହେରାଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସହକାରୀ ଜିଲ୍ଲାପାଳ, ଶ୍ରୀ ଭୋଇଙ୍କୁ ଅନୁଗୋଳ ଜିଲ୍ଲାପାଳଙ୍କ ସହକାରୀ ଜିଲ୍ଲାପାଳ ଓ ଶ୍ରୀ ସାହୁଙ୍କୁ ଝାରସୁଗୁଡ଼ା ଉପଜିଲ୍ଲାପାଳ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସୂଚନାଯୋଗ୍ୟ ଚାକିରି ଜୀବନର ସିସିଆରକୁ ଭିତ୍ତିକରି ରାଜସ୍ୱ ସେବାକୁ ମନୋନୀତ କରାଯାଇଥାଏ। ଏକକାଳୀନ ବ୍ଲକର ୪ ଶିକ୍ଷକଙ୍କୁ ମନୋନୀତ କରାଯାଇଥିବାରୁ ଅଞ୍ଚଳରେ ଖୁସିର ବାତାବରଣ ଖେଳିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।





# ନବବଧୂକୁ ଯୌତୁକ ନିର୍ଯାତନା; ଥାନାରେ ମାମଲା

**ସାଲେପୁର,୨୧।୩(ସମିସ):** ବିବାହର ଦେଢ଼ବର୍ଷ ନ ପୁରୁଣୁ ଅଧିକ ୩ ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ଦାବି କରି ଜଣେ ନବବଧୂକୁ ତା'ର ସ୍ୱାମୀ ଓ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଯୌତୁକ ଟଙ୍କା ନ ଆଣିଲେ ତୋତେ ଘରେ ରଖାଇଦେବୁ ନାହିଁ ବୋଲି କହି ମାରଧର କରିବା ନେଇ ନବବଧୂ ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧୀନ କୁଅଁରପୁର ଗ୍ରାମର ନିରଞ୍ଜନ ପତିଙ୍କ ଝିଅ ସୋନାଲିନ ପତି ୨୦୨୨ମସିହା ଡିସେମ୍ବର ମାସ ୯ତାରିଖରେ ମାହାଙ୍ଗା ଥାନା ଅନ୍ତର୍ଗତ ବାଲିପଡିଆ ଗ୍ରାମର ପ୍ରସନ୍ନ ପଣ୍ଡାଙ୍କ ପୁଅ କ୍ଷୀତିଶ କୁମାର ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ବାବଦକୁ ସୁନା ରୂପା ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିବାବେଳେ ଅଧିକ ୩ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ପାଇଁ ନବବଧୂ ସୋନାଲିନ୍‌କୁ ତା'ର ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ, ନଣଦେଇ, ମଳାଶୁରମାନେ ଅଧିକାଂଶ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିଲେ। ୩ ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ନ ଆଣିଲେ ତୋତେ ଘରେ ପୁରାଇ ଦେବୁ ନାହିଁ ବୋଲି ଧମକ ଦେଇଥିଲେ। ଏନେଇ ସୋନାଲିନ୍ ସାଲେପୁର ଥାନାରେ ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେଶ୍ ନଂ୧୩୬/୨୦୨୪ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି।

# କବି ବିଶ୍ୱନାଥ ସିଂହଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



**ବାଙ୍କୀ,୨୧।୩(ସମିସ):** ଆଜି ବାଙ୍କୀ ପ୍ରେସ କ୍ଲବ ବିଦ୍ୟାରତ୍ନ ଭବନ ଠାରେ ବିଶିଷ୍ଟ କବି ସ୍ୱର୍ଗତ ବିଶ୍ୱନାଥ ସିଂହଙ୍କ ୧୦ମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ବିଶ୍ୱନାଥ ସିଂହ ସ୍ମୃତି ସଂସଦ ଚଢ଼େଇ ବନ୍ଧ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସ୍ମୃତି ସଂସଦ ସଭାପତି କାହ୍ନୁଚରଣ ସିଂହ ସଭାପତିତ୍ୱ କରିଥିଲେ। ସ୍ମୃତି ସଂସଦ ସାଧାରଣ ସଂପାଦକ ଚନ୍ଦ୍ରକାନ୍ତି ସିଂହ ସମସ୍ତଙ୍କୁ ସ୍ୱାଗତ ଜଣାଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଂପାଦକ ରବିନାରାୟଣ ମଙ୍ଗରାଜ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ବିଶ୍ୱନାଥ ସିଂହ ଏକାଧାରାରେ ଜଣେ ପ୍ରଶାସକ, ଲେଖକ, କବି, ଗାଳ୍ପିକ ଏବଂ ଜଗନ୍ନାଥଙ୍କର ପରମଭକ୍ତ ହିସାବରେ ତାଙ୍କର ବହୁ କବିତା ରଚନା କରି ନିଜର ପରିଚୟ ବାଙ୍କୀ ତଥା ସାରା ଓଡ଼ିଶାରେ ସୃଷ୍ଟି କରିପାରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ମାଣିକ ସାହୁ, ସମବାୟବିତ୍ ତଥା କ୍ରେଡିଟ୍ ବ୍ୟାଙ୍କ୍ ସଭାପତି ସମରେନ୍ଦ୍ର ମହାପାତ୍ର, ବାଙ୍କୀ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା, ବିଶିଷ୍ଟ ସାହିତ୍ୟିକ ତଥା କବି କୋ÷ଶିକ ନାୟକ ଯୋଗଦେଇ ସ୍ୱର୍ଗତ ସିଂହଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକ ତଥା ସାମ୍ବାଦିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ବିଶିଷ୍ଟ ସାହିତ୍ୟିକ ଡକ୍ଟର କଲ୍ୟାଣୀ ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ଇଂ.ସତ୍ୟବ୍ରତ ରଥଙ୍କୁ ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ ମାନପତ୍ର ସହ ଉପଢ଼ୌ÷କନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବାଙ୍କୀ ତଥା ବିଭିନ୍ନ ଜିଲ୍ଲାର ବହୁ ସାହିତ୍ୟିକ, କବି, ଗାଳ୍ପିକ, ଲେଖକ ପ୍ରଭୃତି ଯୋଗଦାନ କରିଥିଲେ। ଶେଷରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପୁତ୍ର ଶାଶ୍ୱତ ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରି ସହଯୋଗ କରିଥିଲେ।

# ୨ଟି ସନ୍ତାନର ଜନନୀକୁ ଯୌତୁକ ନିର୍ଯାତନା

**ସାଲେପୁର,୨୧।୩(ସମିସ):** ଯୌତୁକ ନିର୍ଯାତନା ରୋକିବାପାଇଁ ସରକାର ସଚେତନତା ମାଧ୍ୟମରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରୁଥିବାବେଳେ ତାହା ଅର୍ଥ ଲୋଭୀ ଲୋକମାନଙ୍କ ଉପରେ କୌଣସି ପ୍ରଭାବ ପଡୁ ନ ଥିବା ଜଣାଯାଇଛି। ବାହାଘରର ୧୦ବର୍ଷ ପରେ ତଥା ୨ଟି ସନ୍ତାନର ଜନନୀକୁ ଅଧିକ ଯୌତୁକ ଦାବି କରି ତା'ର ସ୍ୱାମୀ ଓ ନଣନ୍ଦ ନିର୍ଯାତନା ଦେଉଥିବା ନେଇ ମହିଳା ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଧୂଆଁସାହି ଗ୍ରାମର ବାବୁ ଖାଁଙ୍କୁ ୧୦ବର୍ଷ ତଳେ ସାହିରା ବିବି ବିବାହ କରିଥିଲେ। ବିବାହର କିଛି ବର୍ଷ ବିତିଯିବା ପରେ ସାହିରାଙ୍କ ସ୍ୱାମୀ ବାବୁ ଖାଁ ଓ ନଣନ୍ଦ ସାହିରାଙ୍କୁ ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ନେଇ ସାହିରା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସାଲେପୁର ପୁଲିସ ସାଲେପୁର ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# 'ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳ' ସମ୍ପର୍କିତ କର୍ମଶାଳା



**ବାଙ୍କୀ,୨୧।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆଜି କଲେଜ ଦୃଶ୍ୟ ଶ୍ରାବ ଗୃହଠାରେ 'ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିବା ସହ ଏହି କର୍ମଶାଳା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜକୁ ଜଣେ ଜଣେ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ସହିତ ସ୍ୱରୋଜଗାର କରିପାରିବେ ବୋଲି ମତପ୍ରକାଶ କରିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ସଭାପତିତ୍ୱ କରିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇକୋ ବ୍ୟାଙ୍କ କଟକର ରୁରାଲ୍ ସେଲ୍ଫ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ପ୍ରଶିକ୍ଷକ ଅମୀତ କୁମାର ମହାନ୍ତି ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଉଦ୍ୟୋଗୀ ଓ ଗ୍ରାମାଞ୍ଚଳରେ କିପରି ଛାତ୍ରଛାତ୍ରୀମାନେ ପାଠ ପଢ଼ା ପରେ ସ୍ୱରୋଜଗାର କରିପାରିବେ ସେ ସଂପର୍କରେ ବହୁ ମୂଲ୍ୟବାନ ତଥ୍ୟ କମ୍ପ୍ୟୁଟର ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟାପକ ତପନ କୁମାର ସେଠୀଙ୍କୁ ବିଭାଗ ତରଫରୁ ମୁଖ୍ୟଅତିଥି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ଲୀନାରାଣୀ ପ୍ରଧାନ, ଅଧ୍ୟାପକ ଅଦ୍ୱୈତ୍ୟ ପ୍ରଧାନ, ଅଧ୍ୟାପିକା ବର୍ଷାରାଣୀ ଦିକ୍ଷୀତ୍ ଓ ଅଧ୍ୟାପକ ନରେଶ କୁମାର ବେହେରା ପ୍ରମୁଖ ଯୋଗଦାନ କରି କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନ୍ନଦା ଅମୃତ ପୃଷ୍ଟି ଓ ସ୍ୱାତୀ ସ୍ୱାଗତିକା ଭୂୟାଁ ପରିଚାଳନା କରିଥିଲେ।

# ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବାଙ୍କୀ,୨୧।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ଶେଷବର୍ଷ ସ୍ନାତକ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଏହି ବିଭାଗର ଛାତ୍ରଛାତ୍ରୀମାନେ ନିଜକୁ ଦାର୍ଶନିକ ଭାବେ ଭାବିବା ଉଚିତ୍ ଓ ଦର୍ଶନ ଶାସ୍ତ୍ରର ବୁଦ୍ଧିମତା ଉପରେ ଗବେଷଣା କରିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ବିଭାଗୀୟ ମୁଖ୍ୟା ପ୍ରାଧ୍ୟାପକ ମିନତୀ ଧିର ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପିକା ସୋନାଲିକା ଦାଶ, ଅଧ୍ୟାପକ ଗଣେଶ ଚନ୍ଦ୍ର ରଣା ଓ ଅଧ୍ୟାପିକା ସସ୍ମିତା ବେହେରା ପ୍ରମୁଖ ଯୋଗଦାନ କରି ଏହି ବିଭାଗର ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବା ସହିତ ନିଜକୁ ଜଣେ ଜଣେ ଦାର୍ଶନିକ ଭାବେ ସମାଜରେ ପ୍ରତିଷ୍ଠିତ କରିପାରିଲେ କଲେଜର ସୁନାମ ରହିବ ବୋଲି ମତପ୍ରକାଶ କରିଥିଲେ। ବଳରାମ ରଣା ସଭା ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗୃହବିଜ୍ଞାନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ବାଙ୍କୀ,୨୧।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗ ଆନୁକୂଲ୍ୟରେ ନିକଟରେ ଅବସର ନେବାକୁ ଥିବା ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ବିଦାୟ ନେଉଥିବା ଶେଷବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଉପଢ଼ୌ÷କନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ବିଭାଗୀୟ ମୁଖ୍ୟ ଡ. ସନ୍ଧ୍ୟାରାଣୀ ମହାନ୍ତି ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ମନୋଜ ମହାପାତ୍ର, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଅଧ୍ୟାପିକା ନିବେଦିତା ପାତ୍ର ଓ ଅଧ୍ୟାପିକା ସୁଶ୍ରୀ ସ୍ୱାଗତିକା ଚାନ୍ଦ ଯୋଗଦାନ କରି ବିଦାୟ ନେଉଥିବା ଛାତ୍ରଛାତ୍ରୀଙ୍କୁ ଆର୍ଶିବାଦ ପ୍ରଦାନ ସହ ଭଲମଣିଷ ହୋଇ ସମାଜରେ ପ୍ରତିଷ୍ଠିତ ହେବା ପାଇଁ ପରାମର୍ଶ ଦେଇଥିଲେ।

# ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ

**ସାଲେପୁର,୨୧।୩(ସମିସ):** ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍‌ନୋଲୋଜିର ୪୧ତମ ବାର୍ଷିକ ଉତ୍ସବ 'ସିନର୍ଜିଆ-୨୦୨୪' ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ମୁମ୍ବାଇ ଡାଇରେକ୍ଟର ପ୍ରଫେସର ପି.ଆର ଭାଭିଆ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଫାର୍ମାସିଷ୍ଟମାନଙ୍କର ଭୂମିକା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟ, ତିରୁପତି ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ଅତିଥିମାନେ କଲେଜର ଭିତ୍ତିଭୂମି ଓ ବିକାଶ ପାଇଁ ପରିଚାଳନା କମିଟିର ସଦସ୍ୟ ଓ ସମସ୍ତ କର୍ମଚାରୀମାନଙ୍କୁ ଭୂୟସୀ ପ୍ରଶଂସା କରି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଭାରେ ଉପସ୍ଥିତ ପରିଚାଳନା କମିଟିର ସଂପାଦକ ରବିନ୍ଦ୍ର ନାଥ କର, ସଭ୍ୟ ଅଶୋକ କୁମାର ମହାନ୍ତି ଓ ଡ. ଦେବେନ୍ଦ୍ର କୁମାର ରାଉତ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ବାର୍ଷିକୋତ୍ସବ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡଃ ପ୍ରବୀର କୁମାର ସିହ୍ନା ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ। ତତ୍‌ପରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା, କଳା ପ୍ରତିଯୋଗିତାମାନଙ୍କରେ ପାରଦର୍ଶିତା ଲାଭ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କଲେଜ ପରିଚାଳନା କମିଟି ତରଫରୁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ଉତ୍ତରୀୟ ଓ ମୋମେଣ୍ଟୋ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଐଶାନୀ ଚାଟାର୍ଜୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କଲେଜର ବରିଷ୍ଠ ଅଧ୍ୟାପକ ଡ. ସରୋଜ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଜମୁଛି ନରସିଂହପୁର ବୈଶାଖୀ ମେଳା





## ପଞ୍ଚମ ଦିନରେ ପ୍ରବଳ ଭିଡ

**କଟକ,୨୧।୩(ସମିସ)**

ଜମୁଛି ନରସିଂହପୁର ବୈଶାଖୀ ବାଣିଜ୍ୟ ମେଳା। ଆଜି ଥିଲା ମେଳାରେ ପଞ୍ଚମ ଦିନ। ଲଘୁଚାପଜନିତ ବର୍ଷା ଯୋଗୁଁ ଦୁଇଦିନ ଧରି ମେଳା ବନ୍ଦ ଥିଲାବେଳେ ଆଜି ପାଗ ଭଲ ଥିବାରୁ ମେଳାରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଅଞ୍ଚଳର ଲୋକମାନେ ଷ୍ଟଲ୍ ବୁଲି ଦେଖିବା ସହ ନିଜ ପସନ୍ଦର ସାମଗ୍ରୀ କିଣି ନେଉଥିଲେ। ପରୀକ୍ଷା ଶେଷ ହୋଇଥିବାରୁ ସ୍କୁଲ କଲେଜ୍ ପିଲାମାନେ ମେଳାର ମଜା ନେଉଥିବା ଦେଖିବାକୁ ମିଳିଥିଲା। ନରସିଂହପୁର ଯୁବ ପରିଷଦର ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ଷଷ୍ଠ ନରସିଂହପୁର ବୈଶାଖୀ ମେଳା ଇତି ମଧ୍ୟରେ ଉଦଘାଟନ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ବୈଶାଖୀ ମେଳା ନରସିଂହପୁର ସହ ଆଖ ପାଖ ଅଞ୍ଚଳରେ ଲୋକପ୍ରିୟ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ମେଳା ନରସିଂହପୁର ଅଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରସିଂହପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ନାୟକ, ପାଇକପଡ଼ାପାଟଣା ସରପଞ୍ଚ ଗୟାଧର ସାହୁ, ସମାଜସେବୀ ମେଘନାଦ ପାତ୍ର, ଯୁବ ପରିଷଦର ଅଧ୍ୟକ୍ଷ ତଥା ସାଧାରଣ ସମ୍ପାଦକ ସୁବ୍ରତ କୁମାର ମିଶ୍ର ଉପସ୍ଥିତ ଥିଲେ। ଯୁବ ପରିଷଦର ପରାମର୍ଶଦାତା ଅଭୟାନନ୍ଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବ ପରିଷଦର ଆଇନ୍ ପରାମର୍ଶଦାତା ଦେବଦତ୍ତ ମଳୟ କୁମାର ବରାଳ ମଞ୍ଚ ସଞ୍ଚାଳନ କରିଥିଲେ। ଯୁବ ପରିଷଦ ସଦସ୍ୟ ଭବାନୀ ପ୍ରସାଦ, ଚିନ୍ମୟ, ପ୍ରଦୀପ, ଇରାଶିଷ, ଆଦିତ୍ୟ, ରିଶି, ଦୀପ୍ତି, ଜିଲୁ, ଜିତୁ, ବିଦେଶୀ ପ୍ରମୁଖ ଉପସ୍ଥିତ ରହି ବୈଶାଖୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ୧୧ ଦିନ ଧରି ହେବାକୁ ଥିବା ଏହି ମେଳାରେ ବିଭିନ୍ନ ଷ୍ଟଲ୍ ପଡ଼ିବା ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ଆସନ୍ତା ୨୭ ତାରିଖରେ ମେଳା ଉଦଯାପିତ ହେବ।

## ଘରୁ ଅଳଙ୍କାର ସହ ଲକ୍ଷାଧିକ ଟଙ୍କା ଚୋରି



**ମାହାଙ୍ଗା,୨୧।୩(ସମିସ):** ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଭଉଁରିଆ ପଞ୍ଚାୟତ ନହଙ୍ଗ ଗ୍ରାମରେ ଦୁର୍ବୃତ୍ତମାନେ ଘରର ଗ୍ରୀଲ ଭାଙ୍ଗି ସୁନା ଅଳଙ୍କାର ସହ ଲକ୍ଷାଧିକ ଟଙ୍କା ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନହଙ୍ଗ ଗ୍ରାମର ସନ୍ତୋଷ କୁମାର ବେହେରା କଟକରେ ରହୁଥିବାବେଳେ ତାଙ୍କ ବଡ ଭାଇ ପ୍ରତାପ ଚନ୍ଦ୍ର ବେହେରା ଅନୁଗୁଳରେ ରହୁଛନ୍ତି। ପ୍ରତି ଶନିବାର ଦିନ ଗାଁକୁ ଆସି ଘରେ ରହିବା ସହ ସୋମବାର ଦିନ ଘର ବନ୍ଦ କରି ଦୁଇ ଭାଇ ତାଙ୍କ କାର୍ଯ୍ୟସ୍ଥଳକୁ ଯାଇଥାନ୍ତି। କିନ୍ତୁ ଗତ ୨୦.୩.୨୪ ଗୁରୁବାର ଦିନ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରର ଗ୍ରୀଲ ତାଲା ଭାଙ୍ଗିବା ସହ ଦୁଇ ଭାଇଙ୍କ ପ୍ରତି କୋଠରୀର କବାଟ ତାଲା ଭାଙ୍ଗି ଘରେ ପଶି ଗଡରେଜ ଭାଙ୍ଗି ୨୦ ଭରିର ସୁନା ଅଳଙ୍କାର ସହ ନଗଦ ଏକ ଲକ୍ଷ ଟଙ୍କା ଚୋରି କରି ନେଇଥିବା ନେଇ ସନ୍ତୋଷ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି।

## ଦୁଇ ଆହତ ଷଣ୍ଢର ଚିକିତ୍ସା କଲେ ସ୍ୱେଚ୍ଛାସେବୀ



**ମାହାଙ୍ଗା,୨୧।୩(ସମିସ):** ମାହାଙ୍ଗ ବ୍ଲକ ଅନ୍ତର୍ଗତ କୁଆଁପାଳ-ସାଲେପୁର ପୂର୍ବ ରାସ୍ତାର ମଲ୍ଲୀପୁରା ବାଉଁଶବଣରେ ଏକ ଷଣ୍ଢ ଆହତ ହୋଇ ପଡ଼ିରହିଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ବଣୁଆ ଆଥଲେଟିକ୍ କ୍ରୀଡାବିତ୍‌ମାନେ ଷଣ୍ଢ ନିକଟକୁ ଯାଇ ତାର ଗୋଡ଼ରେ ଓ ପଛ ପାଖରେ ଘା ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ବିଧାୟକ ପ୍ରତାପ ଜେନାଙ୍କୁ ଜଣାଇବାରୁ ବିଧାୟକ ଶ୍ରୀ ଜେନା ତୁରନ୍ତ ଏକ ଡାକ୍ତରୀ ଟିମ ପଠାଇ ଷଣ୍ଢଟିକୁ ଚିକିତ୍ସା କରାଇବାର ବ୍ୟବସ୍ଥା କରିଥିଲେ। ଏଥି ସହ ଷଣ୍ଢଟିକୁ ସୁରକ୍ଷିତ ଜାଗାକୁ ଆଣି ପାଲ ଟାଙ୍ଗି ଖାଦ୍ୟର ବ୍ୟବସ୍ଥା କରି ଚିକିତ୍ସା କରାଉଥିବା ଜଣାଯାଇଛି। ଏହି ଷଣ୍ଢଟିର ଚିକିତ୍ସା ପାଇଁ ବଣୁଆ ଆଥଲେଟିକ୍ କ୍ରୀଡାବିତମାନେ ସହଯୋଗ କରୁଛନ୍ତି। ସେହିପରି ମୂଳବସନ୍ତ ପଞ୍ଚାୟତ ଗୋପାଳପୁର ଠାରେ ଦୁଇ ଷଣ୍ଢ ଲଢେଇରେ ଗୋଟିଏ ଷଣ୍ଢଟିର ଗୋଡ ଭାଙ୍ଗିଯାଇଥିଲା। ଏହା ଦେଖି ସ୍ଥାନୀୟ ଯୁବକମାନେ ଏକ ଡାକ୍ତର ଟିମକୁ ଡକାଇ ତାର ଚିକିତ୍ସା କରାଇଥିବା ଜଣାଯାଇଛି। ସେହିପରି ତାର ଖାଦ୍ୟ ନିମନ୍ତେ ସମସ୍ତ ସୁବିଧା କରାଇବା ସହ ଚିକିତ୍ସା ଜାରି ରଖିଛନ୍ତି। ଏଭଳି କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ମହଲରୁ ଭୂୟସୀ ପ୍ରଶଂସା କରାଯାଇଛି।

## ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା

**ବାଙ୍କୀ,୨୧।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ନିକଟରେ ଅବସରଗ୍ରହଣ କରିବାକୁ ଥିବା ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ଶେଷବର୍ଷର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ବଭାଗ ତରଫରୁ ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପିଜି ସଂଯୋଜକ ଡକ୍ଟର ଶଶିଭୂଷଣ ମହାପାତ୍ର, ପ୍ରମୋଦ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ଡକ୍ଟର ନିରଞ୍ଜନ ମହାନ୍ତି, ଅଧ୍ୟାପକ ଯୁଗଳକିଶୋର ମଣ୍ଡଳ, ଅଧ୍ୟାପିକା ଜୟମିନ୍ ସାମଲ, ଅଧ୍ୟାପିକା ସୁଦିପ୍ତା ପରିଡା, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ, ଅଧ୍ୟାପିକା ପ୍ରିୟଙ୍କା ବେହେରା, ଅଧ୍ୟାପକ ତୁଷାରକାନ୍ତ ନାୟକ ଓ ଅଧ୍ୟାପକ ସୌମ୍ୟରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟାପିକା ତୋଫା ପାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷ ଓ ସମସ୍ତ ଶେଷବର୍ଷର ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଯୁଗଳକିଶୋର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ପରିଡା ଓ ପ୍ରମୋଦିନୀ ସାହୁ ସଭା ପରିଚାଳନା କରିଥିଲେ।

# ନିମ୍ନମାନର କାମ; ରାସ୍ତାରୁ ଉଠିଗଲା ପିଚୁ

**ଆଠଗଡ଼,୨୧।୩(ସମିସ)**

ଠିକାଦାର ନିମ୍ନମାନର ରାସ୍ତା ନିର୍ମାଣ କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବାର ଅଭିଯୋଗ ଆସିଛି ଆଠଗଡ଼ ବ୍ଲକ ରାଧାକିଶୋରପୁର ପଞ୍ଚାୟତ ସଡ଼କ ସାହି ଗ୍ରାମ ରାସ୍ତାର। ରାଧାକିଶୋରପୁର ମତ୍ସ୍ୟପୁର ରାସ୍ତାର ସଡ଼କ ସାହି ଠାରୁ ପାଦପଥର ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କାର୍ଯ୍ୟରେ ଏଭଳି ନିମ୍ନମାନର କାମ ହୋଇଛି ଯେ ରାସ୍ତା ଉପରୁ ପିଚୁ ଉଠି ଯାଉଥିବା ଦେଖିବାକୁ ମିଳୁଛି। ଆଠଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେଉଥିବା ୮୦୦ ମିଟରର ଏହି ରାସ୍ତା ପାଇଁ ୧୭ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ବେଳେ ୧୫ ପ୍ରତିଶତ କମ୍ ମୂଲ୍ୟରେ କାମ ନେଇଥିବା ଠିକାଦାର ନିର୍ମାଣ କାର୍ଯ୍ୟ ସମୟରେ ମାନ ଠିକ୍ ରଖି ନ ଥିବା ଯୋଗୁଁ ରାସ୍ତା ଉପରୁ ପିଚୁ ଉଠି ଯାଉଥିବା ସ୍ଥାନୀୟ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି। ତେବେ ଏ ବାବଦରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅଜିତ୍ କୁମାର ବିଶ୍ୱାଳ କହିଛନ୍ତି ଯେ ସେହି ରାସ୍ତାକୁ ଆଉ ଥରେ ନିର୍ମାଣ କରିଯିବ। ଏବଂ କେଉଁ ପରିସ୍ଥିତିରେ ରାସ୍ତା ଉପରୁ ପିଚୁ ଉଠିଗଲା ତା'ର ତଦନ୍ତ କରାଯିବ ଅନ୍ୟ ପକ୍ଷରେ ଏ ବାବଦରେ ଠିକାଦାରଙ୍କ ପକ୍ଷରୁ ପୁଲିସରେ ଅଭିଯୋଗ କରାଯାଇଥିବା ବେଳେ ଖୁଣ୍ଟୁଣୀ ପୁଲିସ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି।



● ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ

## ରୋଧପୁର ମା'ଶାରଳାଙ୍କ ମେଳା ପ୍ରସ୍ତୁତି ବୈଠକ

**ସାଲେପୁର,୨୧।୩(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ରୋଧପୁର ମା'ଶାରଳାଙ୍କ ମନ୍ଦିରରେ ପଞ୍ଚଦଶ ବାର୍ଷିକ ଶାରଳା ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଶାରଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏପ୍ରିଲ ମାସ ୨୫ତାରିଖ ଦିନ ମା'ଙ୍କ ମେଳା ମହାସମାରୋହରେ ପାଳନ ପାଇଁ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ମା'ଙ୍କ ମେଳାକୁ ଅଧିକ ଆକର୍ଷଣୀୟ କରିବାପାଇଁ ପୁରୀର ଘଣ୍ଟବାଦ୍ୟ, ନାଗାର୍ଜୁନ ବେଶ, ଦେବଦାସୀ ନୃତ୍ୟ, ଅଘୋରୀ ନୃତ୍ୟ ଓ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସାଇରାମ ଭୂୟାଁ, ସଞ୍ଜୟ ନାୟକ, ଜୟନ୍ତ କୁମାର ଦାସ, ଜ୍ୟୋତିରଞ୍ଜନ ଦାସ, ଲିପୁନ୍ କାଣ୍ଡି, ସୁରେନ୍ଦ୍ର ବେହେରା, ବିଶ୍ୱଜିତ୍ ବେହେରା, ଆଶୁତୋଷ ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଯାଦବ ମହାସଂଘ

**ନିଶ୍ଚିନ୍ତକୋଇଲି,୨୧।୩(ସମିସ)**

ରାଜ୍ୟ ଯାଦବ ମହାସଂଘ ପକ୍ଷରୁ ଭୁବନେଶ୍ୱରରେ ଏକ ଉତ୍କଳ ଯାଦବ ଭବନ ନିର୍ମାଣ ପାଇଁ ଜାଗା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ହୋଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯାଦବ ମହାସଂଘ ଦାବିକୁ ପୂରଣ କରି ଉତ୍କଳ ଯାଦବ ଭବନ ନିର୍ମାଣ ନିମନ୍ତେ ଏକ ଜାଗା ଯୋଗାଇ ଦେଇଛନ୍ତି। ଏଥିପାଇଁ ନେମାଳ ସ୍ଥିତ ପଦ୍ମବନ ପୀଠ ଠାରେ ଯାଦବ ମହାସଂଘ, କଟକ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ସଭାପତି ଗୋପିନାଥ ଦାସଙ୍କ ପୌରହିତ୍ୟରେ ଉପସଭାପତି କାର୍ତ୍ତିକଚନ୍ଦ୍ର ଦାସ, ସମ୍ପାଦକ ପ୍ରସାଦ ଦାସ, ସଂଗଠନ ସମ୍ପାଦକ ରାଧାଶ୍ୟାମ ଦାସ, ସମୀକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ, ପଣ୍ଡିତ ଶତ୍ରୁଘ୍ନ ଦାସ, କ୍ଷୀରୋଦ ଚନ୍ଦ୍ର ପରିଡ଼ା, ସୁବାଷ ଗାୟା, ବଳଦେବାନନ୍ଦ ଦାସ, କାହ୍ନୁଚରଣ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରାରମ୍ଭରେ ଉଭୟଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ନିକଟରେ ପୂଜାର୍ଚ୍ଚନା ପ୍ରାର୍ଥନା ମଧ୍ୟ କରିଥିଲେ। ଏଭଳି ମହତ୍ କାର୍ଯ୍ୟ ପାଇଁ ଯାଦବ ସମ୍ପ୍ରଦାୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର କୃତଜ୍ଞ ହେବା ସହିତ ତାଙ୍କ ପ୍ରତି ସମ୍ପୂର୍ଣ୍ଣ ସହଯୋଗ ରହିଥିବା ସଭାପତି ଶ୍ରୀ ଦାସ ପ୍ରକାଶ କରିଛନ୍ତି।



● ଟାଙ୍ଗୀ ବିଜେଡିର ସାଂଗଠନିକ ବୈଠକ

## ଟ୍ୟାଗିଂ ମ୍ୟାପିଙ୍ଗକୁ ଗୁରୁତ୍ୱ



**ଟାଙ୍ଗୀ,୨୧।୩(ସମିସ)**

ନିର୍ବାଚନ ଆଚରଣ ବିଧି ଲାଗୁପରେ ସାଲେପୁର ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ଅଞ୍ଚଳ ବିଜେଡ଼ିର ପ୍ରଥମ ସାଂଗଠନିକ ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀସ୍ଥିତ ଅଲେଖ ଟୁଙ୍ଗି ପରିସରରେ ଆୟୋଜିତ ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ଶାରଦା ପ୍ରସନ୍ନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ସାମଲ ଓ ସଭ୍ୟା ଜୟଶ୍ରୀ ପ୍ରଧାନଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ୧୩ଟି ପଞ୍ଚାୟତର ବିଜେଡି ସଭାପତି, ସରପଞ୍ଚ, ସମିତିସଭ୍ୟ, ମିଶନ ଶକ୍ତି ମହିଳା ଓ ଆଗଧାଡ଼ିର ସମସ୍ତ ବିଜେଡ଼ି କର୍ମୀ ଅଂଶଗ୍ରହଣ କରିଥିଲେ। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ଆସନ୍ତା ନିର୍ବାଚନକୁ ଆଖିରେ ରଖି ସମସ୍ତ କର୍ମୀ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ବିଶେଷକରି ଘରକୁ ଘର ଶଙ୍ଖ ତଥା ଟ୍ୟାଗିଂ ଓ ମ୍ୟାପିଂ କାର୍ଯ୍ୟ ଶୀଘ୍ର ସାରିବା ଏବଂ ରାଜ୍ୟ ସରକାରଙ୍କ ଯୋଜନାରୁ ଲାଭ ପାଇଥିବା ପରିବାର ଚିହ୍ନଟ କରିବା କାର୍ଯ୍ୟକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଗତ ନିର୍ବାଚନରେ ପ୍ରତିପକ୍ଷଙ୍କୁ ୩୨ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାଜିତ କରିଥିବା ଶ୍ରୀ ବେହେରା ଆସନ୍ତା ନିର୍ବାଚନରେ ପୂର୍ବ ରେକଡର୍ ଭାଙ୍ଗିବେ ବୋଲି କର୍ମୀମାନେ ନିର୍ଭର ପ୍ରତିଶ୍ରୁତି ଦେବା ଚର୍ଚ୍ଚାକୁ ଆସିଥିଲା। ବିଜେପି ଓ ବିଜେଡି ମେଣ୍ଟ ସଂକ୍ରାନ୍ତ ପ୍ରଶ୍ନକୁ ବିଧାୟକ ଶ୍ରୀ ବେହେରା ସଂପୂର୍ଣ୍ଣ ଏଡ଼ାଇ ନ ଥିଲେ ହେଁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଶିରୋଧାର୍ଯ୍ୟ ବୋଲି ପ୍ରତିକ୍ରିୟା ରଖିଥିଲେ। ବିଜେଡ଼ି ସଂଗଠକ ନରେନ୍ଦ୍ର କୁମାର ରାଉତରାୟ, ସୁବୋଧ ସାମଲ ଓ କୃଷ୍ଣଚନ୍ଦ୍ର ଦାସ ବିଜେଡି ସମ୍ମାନ ନିମନ୍ତେ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ବୋଲି ମନ୍ତବ୍ୟ ଦେବା କର୍ମୀମାନଙ୍କୁ ଉତ୍ସାହିତ କରିଥିଲା। ଅନ୍ୟପକ୍ଷରେ ଅଲେଖ ଟୁଙ୍ଗିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହଠାତ୍ ମହିମା ଅଲେଖ ଧର୍ମର ସଭାପତି ବାବା ଶୁକଦେବ ଦାସ ପହଞ୍ଚି ଶ୍ରୀ ବେହେରାଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରିଥିଲା। ମିଶନ ଶକ୍ତି ବ୍ଲକ ସଂଘ ସଭାନେତ୍ରୀ ଅନୁରାଧା ନାୟକ ଓ କନ୍ହେଇପୁର ପଞ୍ଚାୟତ ସଂଘ ନେତ୍ରୀ ମମତା ଭୂୟାଁଙ୍କ ସମେତ ବହୁ ମହିଳା ଏବଂ ଯୁବ ନେତୃତ୍ୱ ବୈଠକରେ ଉପସ୍ଥିତ ଥିଲେ। ଯୁବନେତା ପରମଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ସରପଞ୍ଚ ନିବାସ ପାଣ୍ଡବ, ରଶ୍ମୀ ରାଉତ, ଦିପ୍ତିମୟୀ ବେହେରା, ତାପସ ସାହୁ ଓ ମହେଶ୍ୱର ମହାନ୍ତ ସହାୟତା କରିଥିଲେ।

## ନିରଞ୍ଜନ ବେହୁରାଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ

**ନିଶ୍ଚିନ୍ତକୋଇଲି,୨୧।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା ପଞ୍ଚାୟତ ଗୌଡ଼ବିଶ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଓଡ଼ିଶା କାଜୁ ନିଗମର ପୂର୍ବତନ ପ୍ରବନ୍ଧକ ସ୍ୱର୍ଗତ ନିରଞ୍ଜନ ବେହୁରାଙ୍କ ଦ୍ୱାଦଶାହ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସାହିତ୍ୟିକ ଫକୀର ଚରଣ ନାୟକଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସମ୍ମାନୀତ ଅତିଥି ଭାବେ ସମାଜସେବୀ ପ୍ରମୋଦ ସାହୁ, ସରପଞ୍ଚ ରାକେଶ ସାମଲ, ଜିତେନ୍ଦ୍ରନାଥ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ଗୋବିନ୍ଦଚନ୍ଦ୍ର ରାଉତ, ଜଗବନ୍ଧୁ ବେହୁରା, ରବୀନ୍ଦ୍ର ଜେନା, ପୁତ୍ର ସମୀର କୁମାର ବେହୁରା, ତ୍ରିଲୋଚନ ଜେନା, ପ୍ରମୋଦ ସ୍ୱାଇଁ, କମଳାକାନ୍ତ ପ୍ରଧାନ, ଇଂ ରବୀନ୍ଦ୍ରନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର, ଜଟାଧାରୀ ପଣ୍ଡା, ନଗେନ୍ଦ୍ରନାଥ ସ୍ୱାଇଁ, ପ୍ରମୋଦ ବେହୁରା, ପରିବେଶବିତ୍ ପ୍ରମୋଦ ଦାଶ, ଯୁବନେତା ସୁଶାନ୍ତ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗୀୟ ବେହୁରାଙ୍କ ବ୍ୟକ୍ତିତ୍ୱ ତଥା କୃତୀତ୍ୱ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ



ବେହୁରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶ ପାଇଥିବା ପୁସ୍ତକ 'ସ୍ମୃତି ନିର୍ଝର' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅତିଥି ମାନେ ଶ୍ରଦ୍ଧାସୁମନ ଅର୍ପଣ କରି ୧ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଶେଷରେ କନିଷ୍ଠ ପୁତ୍ର ଦେବାଶିଷ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା

**ବାଙ୍କୀ,୨୧।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟାପକ ଡକ୍ଟର ମହେଶ ପ୍ରସାଦ ବେହେରା ଏବଂ ଶେଷବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଉପଢ଼ୌ÷କନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଅଧ୍ୟାପିକା ସଚ୍ଚଳା ଦେଇ, ଅଧ୍ୟାପକ ମନୋରଞ୍ଜନ ମିଶ୍ର, ଡକ୍ଟର ଅଭିମନ୍ୟୁ ରଣା, ଅଧ୍ୟାପିକା ଏସ୍.ଏସ୍. ଇନ୍ଦୁରେଖା ନାୟକ ଓ ଅଧ୍ୟାପିକା ସ୍ନେହାଞ୍ଜଳି ସାହୁ ପ୍ରମୁଖ ଯୋଗଦାନ କରି ବିଭାଗର ଐତିହ୍ୟ, ପାଠପଢ଼ା ଏବଂ ଛାତ୍ରଛାତ୍ରୀଙ୍କର ଦକ୍ଷତା ଉପରେ ଆଲୋକପାତ କରିବା ସହ ଭଲପାଠ ପଢ଼ି ବିଭାଗର ସୁନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆଗ୍ରାହାଟରେ ରାଜଦୋଳ ମେଳଣ

**ଚୌଦ୍ୱାର,୨୧।୩(ସମିସ)**



ପବିତ୍ର ଏକାଦଶୀ ତିଥିରେ ଚୌଦ୍ୱାର ଅଞ୍ଚଳର ପ୍ରଥମ ଦୋଳ ଉତ୍ସବ ଆଗ୍ରାହାଟ ରାଜଦୋଳ ମେଳଣ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୪୪ ମଣ୍ଡଳ ରାଜଦୋଳ କମିଟି ଆନୁକୂଲ୍ୟରେ ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ପ୍ରସିଦ୍ଧ ମେଳଣ ଯାତ୍ରାରେ ଅଞ୍ଚଳର ମୋଟ ୪୪ଟି ବିମାନ ଅଂଶଗ୍ରହଣ କରିଥିଲେ। ଥାନପତି ଦଧିବାମନଜୀଉଙ୍କ ବିମାନ ଶୋଭାଯାତ୍ରାରେ ଆସି ପ୍ରଥମେ ମେଳଣ ମଣ୍ଡପରେ ଅଧିଷ୍ଠିତ ହେବାପରେ ଚୌଦ୍ୱାର, ପାଇକରାପୁର, ଦେବୀନଗର, ଯାଜଭୈରବ ନୂଆଗାଁ, ଚଷାପଡ଼ା, ଚିତ୍ରେଶ୍ୱର, ଜଗତପୁର, ଫକୀରପୁର, ନାନକାର, ତରୋଳ ଆଦି ଅଞ୍ଚଳର ମଠ ଓ ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣ ମୂର୍ତ୍ତିଙ୍କ ବିମାନ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ମେଳଣ କରିଥିଲେ। ଆୟୋଜକ ରାଜଦୋଳ କମିଟି ତରଫରୁ ପ୍ରତ୍ୟେକ ବିମାନକୁ ସ୍ୱାଗତ କରାଯିବା ସହିତ ଛନ୍ଦା ପ୍ରଦାନ କରାଯାଇଥିଲା। କାଳବୈଶାଖୀ ଜନିତ ବର୍ଷା ଓ କୋହଲା ପାଗ ପାଇଁ ଏହି ଯାତ୍ରାର ବିଶେଷ ଆକର୍ଷଣ ଆତସବାଜି ପ୍ରତିଯୋଗିତାକୁ ଚଳିତ ବର୍ଷ ବନ୍ଦ ରଖା ଯାଇଥିବାରୁ ଦର୍ଶକମାନେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ଦେଖିବାରୁ ବଞ୍ଚିତ ହୋଇଥିଲେ। ଏହି ମେଳଣ ଯାତ୍ରାରେ ପ୍ରବଳ ଜନସମାଗମ ହୋଇଥିବାରୁ ଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ବହୁ ପୁଲିସ ଅଧିକାରୀ ଓ ଫୋର୍ସ ମୁତୟନ ହୋଇଥିଲେ। ୪୪ ମଣ୍ଡଳ ରାଜଦୋଳ କମିଟି ସଭାପତି ଦୀପକ କୁମାର ମଙ୍ଗରାଜ, ଉମେଶ ଚନ୍ଦ୍ର ମହାରଣା, ପ୍ରଦୀପ୍ତ ବେହେରା, ପ୍ରିୟବ୍ରତ ସ୍ୱାଇଁ, ହୃଷିକେଶ ରାଉତ, ଜୟନ୍ତ ବରାଳ, ଆଦିକନ୍ଦ ନାୟକ, ଅକ୍ଷୟ ବରାଳ, ସନ୍ତୋଷ ଜୀ, ଅମୂଲ୍ୟ ରଞ୍ଜନ ଦାସଙ୍କ ସମେତ ସମସ୍ତ ସଦସ୍ୟ ବୃନ୍ଦ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ଦିନ ଜଗତପୁର, ଶୁକ୍ରବାର ଗୋଡ଼ିପାଟଣା, ସୋମବାର ଚୌଦ୍ୱାର ଏବଂ ମଙ୍ଗଳବାର ଦିନ ଫକୀରପୁରରେ ମେଳଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ରାଜଦୋଳ କମିଟି ସୂତ୍ରରୁ ସୂଚନା ଦିଆଯାଇଛି।

## ରଙ୍ଗେଶ୍ୱରୀ ଦୋଳ ମେଳଣରେ ୩୦ ବିମାନ

**ନିଶ୍ଚିନ୍ତକୋଇଲି,୨୧।୩(ସମିସ)**

ବଡ଼କ୍ଷୀର ପଞ୍ଚାୟତ ରଙ୍ଗମୁଣ୍ଡେଇ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ରଙ୍ଗେଶ୍ୱରୀଙ୍କ ପୀଠ ସ୍ଥଳିରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ପ୍ରଥମ ଦୋଳ ମେଳଣ ଅନୁଷ୍ଠିତ ହୋଇଛି। ଏହି ମେଳଣରେ ବିଭିନ୍ନ ଗ୍ରାମର ୩୦ଟି ବିମାନ ଶୋଭାଯାତ୍ରାରେ ଆସି ଅଧିଷ୍ଠିତ ହୋଇଥିଲେ। ଗାଦିଶ୍ୱର ଭାବେ ରଙ୍ଗମୁଣ୍ଡାଇର ବୃନ୍ଦାବନଜୀଉ ବିମାନ ପ୍ରଥମେ ଅଧିଷ୍ଠିତ ହେବା ପରେ ନିୟମ ଅନୁଯାୟୀ କ୍ରମାନ୍ୱୟରେ ଅନ୍ୟ ବିମାନମାନେ ମଣ୍ଡପରେ ବସିଥିଲେ। ସମସ୍ତ ବିମାନ ମାଲିକଙ୍କୁ ନେଇ ଏକ ଧର୍ମସଭା ଅନୁଷ୍ଠିତ ହୋଇ ହିନ୍ଦୁ ଧର୍ମରେ ଦୋଳ ମେଳଣର ପରମ୍ପରା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। କର୍ତ୍ତା ଭାବେ ସଞ୍ଜୟ କୁମାର ପଣ୍ଡା ପ୍ରତ୍ୟେକ ବିମାନରେ ଅଧିଷ୍ଠିତ ହୋଇଥିବା ରାଧାକୃଷ୍ଣଙ୍କ ବିମାନ ନିକଟରେ ଧୂପ, ଦୀପ, ନୈବେଦ୍ୟ ଓ ପାରମ୍ପାରିକ ମାଟି ହାଣ୍ଡି ନୈବେଦ୍ୟ ସହ ନୂତନ ବସ୍ତ୍ର ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିଭି କଳାକାର ତଥା ସୁନାମଧନ୍ୟ ଗାୟକ କୁମାର ଜାନୁଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ରଘୁନାଥ ପଣ୍ଡା, ଅଜୟ ପଣ୍ଡା, ବିଜୟ ପଣ୍ଡା, ପରମାନନ୍ଦ ପଣ୍ଡା, ବେଣୁଧର ଓଝାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀମାନେ ମେଳଣ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାର ଦୋକାନ ପଡ଼ିଥିବାବେଳେ ବହୁ ଦର୍ଶକ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



## ଶ୍ରୀମନ୍ଦିରରେ ବେଣ୍ଟ ନୀତି

# ମୃଗ ଶିକାର କଲେ ଶ୍ରୀରାମ

**ପୁରୀ,୨୧।୩(ସମିସ):** ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ତିଥିରେ ଗୁରୁବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀରାମଚନ୍ଦ୍ର ବୀର ବେଶରେ ଜଗନ୍ନାଥବଲ୍ଲଭ ମଠରେ ବିଜେ ହୋଇ ମୃଗ ଶିକାର କରିଥିଲେ। ଠାକୁରଙ୍କ ପକ୍ଷରୁ ଲେଙ୍କା ସେବକ ଶର ବିନ୍ଧିବା ପରେ ବେଣ୍ଟ ନୀତି ସମ୍ପନ୍ନ ହୋଇଥିଲା।

ଶ୍ରୀମନ୍ଦିରରେ ଠାକୁରଙ୍କ ମଙ୍ଗଳ ଆଳତି ସରିଗଲା ପରେ ଶ୍ରୀରାମ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁ ସେବକମାନେ ବିମାନକୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ଶ୍ରୀରାମଙ୍କୁ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ ହୋଇଥିଲେ। ଭିତରଚ୍ଛ ତୀର କମାଣ ଶ୍ରୀଅଙ୍ଗରେ ଛୁଆଁଇବା ପରେ ଲେଙ୍କା ସେବକଙ୍କୁ ବଢ଼ାଇ ଦେଇଥିଲେ। ଲେଙ୍କା ମୃଗ ଜ୍ଞାନରେ ପଇଡ଼କୁ ବିନ୍ଧ କରିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ଼ ମଧ୍ୟରୁ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

ଶ୍ରୀମନ୍ଦିରରେ ଥିବା ଅନେକ ପର୍ବପର୍ବାଣି ନୀତି ମଧ୍ୟରୁ 'ବେଣ୍ଟ' ଅନ୍ୟତମ। ବେଣ୍ଟ ଅର୍ଥ ଶିକାର। ଫାଲ୍‌ଗୁନ ଶୁକ୍ଳପକ୍ଷ ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ ଓ ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀରାମ ବେଣ୍ଟ ବା ଶିକାର ନିମିତ୍ତ ବିଜେ କରିବା ପରମ୍ପରା ରହିଛି। ଚୈତ୍ର ମାସ କୃଷ୍ଣ ପ୍ରତିପଦା ଏବଂ ପବିତ୍ର ସରସ୍ୱତୀ ପୂଜା ବା ବସନ୍ତ ପଞ୍ଚମୀ ଅବସରରେ ଏହି ବେଣ୍ଟ ନୀତି ହୋଇଥାଏ।



■ ଦିଲ୍ଲୀରୁ ଫେରିଲେ ମନମୋହନ

# ମେଣ୍ଟ ଚର୍ଚ୍ଚା ଝୁଲାଇ ରଖିଲେ

■ ମେଣ୍ଟ ସମ୍ପର୍କରେ ଅମିତ ଶାହା ସ୍ପଷ୍ଟ କରିଛନ୍ତି
■ ଯେତେବେଳେ ଯାହା ହେବ ଜଣାଇ ଦିଆଯିବ
■ ଖୁବଶୀଘ୍ର ବିଜେପିର ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର,୨୧।୩(ସମିସ):** ବିଜେଡି-ବିଜେପି ସମ୍ଭାବ୍ୟ ମେଣ୍ଟ ଚର୍ଚ୍ଚା ଥମୁନଥିବା ବେଳେ ଆଜି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ପ୍ରତିକ୍ରିୟା ସ୍ଥିତିକୁ ଆହୁରି ଅସ୍ପଷ୍ଟ କରିଛି। ଦିଲ୍ଲୀରୁ ଫେରିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି ଯେ ମେଣ୍ଟ ସମ୍ପର୍କରେ ଅମିତ ଶାହା ସ୍ପଷ୍ଟ କରି ସାରିଛନ୍ତି। ଏନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ଯେତେବେଳେ ଯାହା ହେବ, ଆପଣମାନଙ୍କୁ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ମନମୋହନ କହିଛନ୍ତି। ସେହିପରି ଦଳର ଲୋକସଭା ପ୍ରାର୍ଥିତ୍ୱକୁ ନେଇ ମନମୋହନ କହିଛନ୍ତି ଯେ ଖୁବ୍‌ଶୀଘ୍ର ବିଜେପି ପକ୍ଷରୁ ତାଲିକା ପ୍ରକାଶ ପାଇବ।

ସୂଚନାଯୋଗ୍ୟ ଯେ ଗତ ୧୫ଦିନ ହେବ ମେଣ୍ଟକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଲାଗି ରହିଛି। ତେବେ ଏନେଇ କୌଣସି ନିର୍ଯାସ ବାହାରି ପାରିନାହିଁ। ଅପରପକ୍ଷେ ଗତ ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟର କୋର୍ କମିଟି ଓ ନିର୍ବାଚନ କମିଟି ବୈଠକରେ ସ୍ଥିରୀକୃତ ହୋଇଥିବା ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଧରି ମନମୋହନ ସୋମବାରଠାରୁ ଦିଲ୍ଲୀରେ ଡେରା ପକାଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ବିଜେପିର କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଜ୍ୟ ବିଜେପିର କୋର୍ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଏହାସହ କେତେକ ଶୀର୍ଷ ନେତୃତ୍ୱଙ୍କ ସହ ରାଜ୍ୟ ବିଜେପି ନେତାଏ ଏକାଧିକ ବୈଠକ କରିଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଦିଲ୍ଲୀରେ ଅନୁଷ୍ଠିତ କୋର୍ କମିଟି ବୈଠକରେ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ ଏହାକୁ ସିଇସି (କେନ୍ଦ୍ରୀୟ ନିର୍ବାଚନ କମିଟି)କୁ ପଠାଯାଇଛି। ଆସନ୍ତାକାଲି ସିଇସି ବୈଠକ ଅନୁଷ୍ଠିତ ହେବାର ଥିବା ବେଳେ ଏଥିରେ ଓଡ଼ିଶାରେ ବିଜେପି ପ୍ରାର୍ଥିତ୍ୱ ସମ୍ପର୍କରେ କିଛି ନିଷ୍ପତ୍ତି ନିଆଯାଇପାରେ।

## ଆସୁଛି ଦୋଳ ପୂର୍ଣ୍ଣିମା

# ମରାମତି ହେଲା ଦୋଳବେଦୀ ଚାନ୍ଦୁଆ



**ପୁରୀ, ୨୧।୩ (ସମିସ):** ଆସନ୍ତା ୨୫ ତାରିଖରେ ପବିତ୍ର ଦୋଳପୂର୍ଣ୍ଣିମା। ଏଥିପାଇଁ ନୂଆ ରୂପ ପାଇଛି ଦୋଳବେଦୀ। ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟୀକରଣ ପରେ ଝଲସିଲାଣି ଦୋଳବେଦୀ। ଦୋଳ ପୂର୍ଣ୍ଣିମାରେ ଦୋଳବେଦୀ କୁଞ୍ଜରେ ଦୋଳି ଖେଳିବେ ଶ୍ରୀଦୋଳଗୋବିନ୍ଦ। ତେବେ ଦୋଳବେଦୀରେ ଲାଗୁଥିବା ଚାନ୍ଦୁଆ ମରାମତି କରିଛନ୍ତି ଦର୍ଜି କାରିଗର। ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦର୍ଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ଚାନ୍ଦୁଆରେ ଆବଶ୍ୟକ ମରାମତି ଏବଂ ସିଲାଇ କରାଯାଇଛି। ଏଥିରେ ପ୍ରାୟ ୧୦ଜଣ କାରିଗର ନିୟୋଜିତ ହୋଇଥିଲେ। ଏ ସମ୍ପର୍କରେ ଦର୍ଜି ସର୍ଦ୍ଦାର ଶ୍ରୀ ମହାପାତ୍ର କହିଛନ୍ତି, ପ୍ରତିବର୍ଷ ନବକଳେବର ସମୟରେ ଦୋଳବେଦୀ ଚାନ୍ଦୁଆ ନୂତନ ଭାବେ ତିଆରି ହୁଏ। ସେହିପରି ପ୍ରତିବର୍ଷ ଦୋଳ ପୂର୍ଣ୍ଣିମା ପୂର୍ବରୁ ଏହି ଚାନ୍ଦୁଆର ଆବଶ୍ୟକ ମରାମତି କରାଯାଏ। ଅର୍ଥାତ୍ କେଉଁଠି ଯଦି ସିଲାଇ ଖୋଲିଥିବ କିମ୍ବା ଫାଟି ଯାଇଥିବା ତାହାର କାମ କରାଯାଏ। ଦୋଳବେଦୀ ଉପରେ ଭିନ୍ନ ଭିନ୍ନ ସାଇଜର ମୋଟ ୧୯ଟି ଚାନ୍ଦୁଆ ଲାଗିଥାଏ। ଗୁରୁବାର ଏ ସବୁକୁ ଭଲ ଭାବେ ଯାଞ୍ଚ କରାଯାଇ ଆବଶ୍ୟକ ମରାମତି କରାଯାଇଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

# ଆଜିଠୁ ୬୫୦୦ ଶିକ୍ଷକ ଦେଖିବେ +୨ ଖାତା

**ଭୁବନେଶ୍ୱର, ୨୧।୩(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଖାତା ଆସନ୍ତାକାଲି ଅର୍ଥାତ ଶୁକ୍ରବାରଠାରୁ ଆରମ୍ଭ ହେବ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନରେ ଓ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ ହେବ। ସମୁଦାୟ ୬୯ଟି ଜୋନ୍‌ରେ ଅଫ୍‌ଲାଇନ ମୂଲ୍ୟାୟନ ଓ ୪୧ଟି ଜୋନ୍‌ରେ ଅନ୍‌ଲାଇନ୍ ମୂଲ୍ୟାୟନ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୨୨ ତାରିଖରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ହେବ। ସମୁଦାୟ ୬୫୦୦ ଶିକ୍ଷକ ଶିକ୍ଷୟିତ୍ରୀ ଖାତା ଦେଖିବାକୁ ନିୟୋଜିତ ହୋଇଛନ୍ତି। ତନ୍ମଧ୍ୟରୁ ୨୮୦୦ ଶିକ୍ଷକ ଅନ୍‌ଲାଇନ୍ ମୂଲ୍ୟାୟନ ଓ ୩୭୦୦ ଶିକ୍ଷକ ଅଫ୍‌ଲାଇନ୍ ମୂଲ୍ୟାୟନ କରିବେ। ଅନୁରୂପ ଭାବେ ଏପ୍ରିଲ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ହେବ। ଏଥିପାଇଁ ପ୍ରାୟ ୪ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ହେବେ। ନିର୍ଦ୍ଧାରିତ ସମୟ ସୁଦ୍ଧା ମୂଲ୍ୟାୟନ ପ୍ରକ୍ରିୟା ସାରି ମେ' ୧୫ତାରିଖ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି।

# ଆଇନଜୀବୀଙ୍କ ପରିଚୟପତ୍ରରେ ପଞ୍ଜୀକରଣ ତାରିଖ ଉଲ୍ଲେଖ ପାଇଁ ବାର୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଅ: ହାଇକୋର୍ଟ

**କଟକ,୨୧।୩(ସମିସ):** ଜଣେ ଆଇନଜୀବୀଙ୍କୁ ଭୁବନେଶ୍ୱର ବାର୍ ଆସୋସିଏସନ୍ ପକ୍ଷରୁ ପ୍ରଦତ୍ତ ପରିଚୟପତ୍ରରେ ପଞ୍ଜୀକରଣ ତାରିଖ ଉଲ୍ଲେଖ ନଥିବାରୁ ବାର ନିର୍ବାଚନରେ ଅଂଶଗ୍ରହଣରୁ ବଞ୍ଚିତ କରାଯିବା ପ୍ରସଂଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀମାନଙ୍କୁ ଦିଆଯାଉଥିବା ପରିଚୟପତ୍ରରେ ସେମାନଙ୍କ ପଞ୍ଜୀକରଣ ତାରିଖ ଉଲ୍ଲେଖ ପାଇଁ ରାଜ୍ୟର ସମସ୍ତ ବାର୍ ଆସୋସିଏସନ୍‌ଗୁଡ଼ିକୁ ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶ ଦେଉ ବୋଲି ହାଇକୋର୍ଟ କହିଛନ୍ତି। ଓମ୍‌କାର ବଳିଆରସିଂହଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଓଡ଼ିଶା ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ବାର୍ ଆସୋସିଏସନ୍ ଦ୍ୱାରା ଜାରି କରାଯାଇଥିବା ପରିଚୟପତ୍ରରେ ଆବେଦନକାରୀଙ୍କ ପଞ୍ଜୀକରଣ ତାରିଖ ଉଲ୍ଲେଖ ନଥିଲା। ଏଥିପାଇଁ ତାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚନ (୨୦୨୪-୨୫) ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାକୁ ଦିଆଯାଇନଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବାର୍ ଆସୋସିଏସନ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ଜାରି ହୋଇଥିବା ପରିଚୟପତ୍ରରେ ଆବେଦନକାରୀଙ୍କ ନାମ ଲେଖାଇବାର ତାରିଖ ସୂଚାଇ ନ ଥିବାରୁ ଆବେଦନକାରୀଙ୍କ ପାଖରେ ଏପରି ସୂଚନା ପ୍ରଦାନ କରିବାର କୌଣସି ସୁଯୋଗ ନାହିଁ ବୋଲି ଦର୍ଶାଯାଇଥିଲା। ତେବେ ଆବେଦନକାରୀଙ୍କ ଉପରୋକ୍ତ ପ୍ରସଙ୍ଗକୁ ବିଚାର କରି ଆଇନଗତ ନିଷ୍ପତ୍ତି ନେବା ପାଇଁ ତୁରନ୍ତ ଏକ କମିଟି ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବାର କାଉନସିଲ ପକ୍ଷରୁ ତୁରନ୍ତ ବିଭୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି।



# ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେବେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଡ୍ରାଇଭର ଓ କଣ୍ଡକ୍ଟର୍

**ଭୁବନେଶ୍ୱର,୨୧।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନରେ ଯେପରି ମତଦାନରୁ ଜଣେ ବି ମତଦାତା ବାଦ୍ ନ ପଡ଼ନ୍ତି, ସେନେଇ ଭାରତ ନିର୍ବାଚନ କମିସନ୍ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗାଡ଼ି ଚାଳକ, କଣ୍ଡକ୍ଟର୍ ଓ କ୍ଲିନର୍‌ମାନଙ୍କୁ ମଧ୍ୟ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିବାର ଅଧିକାର ଦିଆଯାଇଛି।

ଓଡ଼ିଶାରେ ମତଦାନ ଦିନ ଯେଉଁ ଡ୍ରାଇଭର୍, କଣ୍ଡକ୍ଟର ଓ କ୍ଲିନର୍‌ମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବେ, ସେମାନେ ଯେପରି ଉଚିତ ଭାବରେ ମତଦାନ କରିପାରିବେ; ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀମାନେ ଜଣେ ନୋଡାଲ ଅଧିକାରୀଙ୍କୁ ମନୋନୀତ କରିବେ। ତାଙ୍କ ଦ୍ୱାରା ନିର୍ବାଚନ ପ୍ରକ୍ରିୟା ପାଇଁ ବ୍ୟବହୃତ ଗାଡ଼ି ଅଧିଗ୍ରହଣ କରାଯିବ। ଯେଉଁ ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନରମାନେ ଏହି ଗାଡ଼ିରେ ନିୟୋଜିତ ଥିବେ, ତାଙ୍କର ମତଦାନ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ନୋଡାଲ ଅଧିକାରୀଙ୍କ ଦ୍ୱାରା ନିଶ୍ଚିତ କରାଯିବ ଓ ସେମାନଙ୍କୁ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ମତଦାନ ପାଇଁ ଫର୍ମ-୧୨ ଯୋଗାଇ ଦିଆଯିବ। ଏହି ଫର୍ମ-୧୨ରେ ସେମାନଙ୍କ ମତଦାନ ସମ୍ବନ୍ଧୀୟ ଆବଶ୍ୟକ ତଥ୍ୟ ଉଚିତ ରୂପେ ପୂରଣ ହୋଇଥିବା ନିଶ୍ଚିତ କରି ନୋଡାଲ ଅଧିକାରୀ ସେମାନଙ୍କ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କୁ ଅତି କମ୍‌ରେ ମତଦାନ ତାରିଖର ୭ଦିନ ପୂର୍ବରୁ ପଠାଇବେ। ଏହାଦ୍ୱାରା ଉକ୍ତ ମତଦାତାମାନଙ୍କ ପାଇଁ ପୋଷ୍ଟାଲ ବାଲାଟର ବ୍ୟବସ୍ଥା କରାଯାଇପାରିବ। ନିର୍ବାଚନ ପରିଚାଳନା ଅଧିନିୟମ-୧୯୬୧ରେ ନୂତନ ଭାବେ ଯୋଡ଼ା ଯାଇଥିବା ନିୟମ ୧୮ (କ) ଅନୁସାରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଭୋଟର୍‌ମାନେ କେବଳ 'ଫେସିଲିଏସନ୍ ସେଣ୍ଟର'ରେ ହିଁ ନିଜ ନିଜର ମତଦାନ କରିବେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଫୁଲବାଣୀ,୨୧।୩(ସମିସ):** ଫିରିଙ୍ଗିଆ ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ସଙ୍ଘଟିତ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ଫୁଲବାଣୀ ପୋକସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ଗୁରୁବାର ଅଭିଯୁକ୍ତ ବବଲୁ ନାୟକକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୩ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ତିନି ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବବଲୁର ଘର ଖଜୁରୀପଡ଼ା ଥାନା ଲାଇନପଡ଼ା ବରସାହି ଅଞ୍ଚଳର।

ସୂଚନାନୁଯାୟୀ, ୨୦୨୧ ମସିହା ଫେବୃଆରୀରେ ନାବାଳିକାଜଣକ ନିଜ ଗ୍ରାମ ନିକଟ ଏକ ମନ୍ଦିର ନିକଟରେ କାମ କରୁଥିଲେ। ଅଭିଯୁକ୍ତ ବବୁଲ ମଧ୍ୟ ସେହି ସ୍ଥାନରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ବବଲୁ ନାବାଳିକାକୁ ପ୍ରେମ ନିବେଦନ କରିବା ସହ ବିବାହର ପ୍ରଲୋଭନ ଦେଖାଇ ନିକଟସ୍ଥ ଜଙ୍ଗଲକୁ ନେଇ ବାରମ୍ବାର ଦୁଷ୍କର୍ମ କରିଥିଲା। ପରେ ଜୁନ୍ ୨୬ ତାରିଖରେ ଏକ ଅଟୋ ରିକ୍ସା ଯୋଗେ ନାବାଳିକାକୁ ଅପହରଣ କରି ନିଜ ଘରକୁ ନେଇ ଯାଇଥିଲେ। ଏ ସଂପର୍କରେ ପୀଡ଼ିତାଙ୍କ ବାପା ଜୁନ୍ ୨୮ତାରିଖରେ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

● ଚାକିରି କରାଇଦେବାକୁ କହି ୧୮ ଲକ୍ଷ ଠକେଇ

# କଟକରୁ ଧୂର୍ତ୍ତ ଗଜେନ୍ଦ୍ର ଗିରଫ



**ବ୍ରହ୍ମପୁର,୨୧।୩(ସମିସ):** ଚାକିରି କରାଇଦେବାକୁ କହି ଜଣେ ଯୁବତୀଙ୍କଠାରୁ ୧୮ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ କଟକରୁ ଗିରଫ କରିଛି। ସେ ହେଲେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ଗାନ୍ଧୀନଗର ନିବାସୀ ଗଜେନ୍ଦ୍ରନାଥ ସାହୁ (୬୧)। ସୂଚନାଯୋଗ୍ୟ, ଗଜେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୯୮୩ରେ କନିଷ୍ଠ ସହାୟକ ଭାବେ ନିଯୁକ୍ତି ପାଇଥିଲେ। ଜୁଲାଇ ୨୦୨୩ରେ ସେ ଅବସର ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ରାଧାମୋହନ ପାତ୍ରଙ୍କ ଝିଅକୁ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର୍ (ଏଏସ୍‌ଓ) ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ୨୦୨୨ ନଭେମ୍ବର ୭ତାରିଖରୁ ୨୦୨୩ ନଭେମ୍ବର ୧୮ତାରିଖ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୮ଲକ୍ଷ ୧୬ହଜାର ୨୫୦ ଟଙ୍କା ନେଇଥିଲେ। କିନ୍ତୁ ୨୦୨୩ ଡିସେମ୍ବର ୩୦ତାରିଖରେ ଏଏସ୍‌ଓ ପରୀକ୍ଷା ଫଳାଫଳରେ ରାଧାମୋହନଙ୍କ ଝିଅଙ୍କ ନାମ କିମ୍ବା ରୋଲ ନମ୍ବର ନଥିବାରୁ ସେ ଗଜେନ୍ଦ୍ରଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। କିନ୍ତୁ ଗଜେନ୍ଦ୍ର ବାରମ୍ବାର ମିଥ୍ୟା ପ୍ରତିଶୃତି ଦେଇ ଗଜେନ୍ଦ୍ର ଟଙ୍କା ଫେରାଉ ନଥିଲେ। ଓଲଟି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ। ଏନେଇ ରାଧାମୋହନଙ୍କ ଝିଅ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗଜେନ୍ଦ୍ରଙ୍କୁ ଧରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲା। ଉକ୍ତ ଟିମ୍ କୌଣସି ସୂତ୍ରରୁ ଖବର ପାଇ ବୁଧବାର କଟକରୁ ଗଜେନ୍ଦ୍ରକୁ କାବୁ କରି ବ୍ରହ୍ମପୁରକୁ ଆଣିଥିଲା। ଗୁରୁବାର ସନ୍ଧ୍ୟାରେ ଗଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଜନ୍ମେଜୟ ମଲ୍ଲିକ ସୂଚନା ଦେଇଛନ୍ତି।

# ଏନ୍‌ଆଇଟି ଛାତ୍ରଙ୍କ ସଫଳତା: ମାନବବିହୀନ ଅଣ୍ଡରୱାଟର ରୋବଟ୍

**ରାଉରକେଲା, ୨୧।୩(ସମିସ):** ଅତୀତରେ ରାଉରକେଲା ଏନ୍‌ଆଇଟିର ଛାତ୍ରଛାତ୍ରୀ ଅନେକ ବୈଷୟିକ ତଥ୍ୟ ସମ୍ବଳିତ ନବସୃଜନ କରି ଦେଶ ବିଦେଶରେ ପାରଦର୍ଶିତା ଲାଭ କରି ଅସଂଖ୍ୟ ପ୍ରଶଂସା ସାଉଁଟିଥିବା ବେଳେ ଏବେ ଏନ୍‌ଆଇଟି ଏବଂ ଓଡ଼ିଶା ସରକାରଙ୍କ ଆର୍ଥିକ ସହାୟତାରେ ଷ୍ଟାର୍ଟ ଅପ୍ କୋରାସିଆ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ହେଇଥିବା ମାନବବିହୀନ ଏହି ଅଣ୍ଡରୱାଟର ରୋବଟର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି।





ସେମାନଙ୍କ ଦ୍ୱାରା ନିର୍ମିତ ଏକ ମାନବ ବିହୀନ ଅଣ୍ଡର ୱାଟର ରୋବଟ ରାଉରକେଲା ଏନ୍‌ଆଇଟିର ସଫଳତା ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ରାଉରକେଲା ଏନ୍‌ଆଇଟିର ୧୪ ଜଣ ଛାତ୍ର ନିର୍ମାଣ କରିଥିବା ଏହି ମାନବବିହୀନ ଅଣ୍ଡରୱାଟର ରୋବଟ୍ ଗଭୀର ଜଳଭିତରର ସ୍ଥିତି ଅନୁଧ୍ୟାନ କରିବା ସହ ନିରୀକ୍ଷଣ କରି ସଠିକ ତଥ୍ୟ ଦେବାରେ ସକ୍ଷମ ହେବ। ରାଉରକେଲା ୧୪ ଜଣ ସଦସ୍ୟଙ୍କୁ ନେଇ ଗଠିତ ହୋଇଛି କୋରୋସିଆ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ କମ୍ପାନୀ। ଅଣ୍ଡରୱାଟର ରୋବଟ୍ ପ୍ରଥମ ପାଇଲଟ ପ୍ରୋଜେକ୍ଟ ଭାବେ ମନ୍ଦିରା ଡ୍ୟାମ ସୁଇସ ଗେଟ୍ ସ୍ଥିତି ସଫଳତାର ସହ

ସୂଚନାଯୋଗ୍ୟ ଯେ ଏହି ରୋବଟ୍‌ରେ ଅଣ୍ଡର ୱାଟର ଜିପିଏସ୍, ୩୬୦ ଡିଗ୍ରୀ କାମ କରୁଥିବା ଦୁଇଟି ହାଇଗ୍ରେଡର କ୍ୟାମେରା, ସୋନାର, ରୋବର୍ଟିକ ଆର୍ମ, ଏଲଇଡି ଲାଇଟ ଲାଗିଛି। ଏହି ଅଣ୍ଡରୱାଟର ରୋବଟ୍ ୪୫୦ରୁ ଅଧିକ ଗଭୀର ଜଳରସ୍ଥିତି ଅନୁଧ୍ୟାନ କରିବାକୁ ସକ୍ଷମ ଥିଲେ ମଧ୍ୟ ଏହି ରୋବଟ୍‌କୁ ତିନିଶହ ମିଟର ଗଭୀର ଜଳ ଭିତରକୁ ସଫଳତାର ସହ ପରୀକ୍ଷାଣ କରାଯାଇଛି। ଅନୁଧ୍ୟାନ କରିଥିଲା।

ପରେ ଇଣ୍ଡିଆନ ରେଲୱେ ମହାନଦୀ ଓ ରୁଶିକୁଲ୍ୟା ବ୍ରିଜର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାରାଦୀପ ଠାରେ ଆଇଓସିଏଲ ବ୍ରିଜର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଇଣ୍ଡିଆନ ନେଭି ପାଇଁ ଅଣ୍ଡର ୱାଟର ରୋବର୍ଟ ସମୁଦ୍ରର ୭୦ କିଲୋମିଟର ଦୁରତ୍ୱ ଯାଇ ସମୁଦ୍ରର ତିନି ଶହ ମିଟର ତଳକୁ ସଫଳତାର ସହ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ଅଣ୍ଡର ୱାଟର ରୋବର୍ଟ ମନ୍ଦିରା ଡ୍ୟାମର ସମ୍ପୂର୍ଣ୍ଣ ସ୍ଥିତି ଅନୁଧ୍ୟାନ କରିବା ସହ ଯାଜପୁର ଠାରେ ଥିବା ଏନଆଇଏନଏଲ ବ୍ରିଜର ସ୍ଥିତି ଅନୁଧ୍ୟାନ କରିଛି। ଅଣ୍ଡରୱାଟର ରୋବଟ୍ ଗୋଟିଏ ପରେ ଗୋଟିଏ ସଫଳତା ପାଇବା ପରେ ଓୟର ଫାଉଣ୍ଡର ୮୦ ଲକ୍ଷ ଟଙ୍କା ଅଗ୍ରୀମ ଦେଇ କମ୍ପାନୀର ଏକ ପ୍ରତିଶତ ସେୟାର ନେଇଥିବା କୋରୋସିଆ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ସଦସ୍ୟ ଅନୁଭବ କହିଛନ୍ତି।

ଅଣ୍ଡର ୱାଟର ରୋବଟ ସମୁଦ୍ର ଓ ନଦୀ ଭିତରର ତଳ ସ୍ଥିତି କଣ ରହିଛି ତାହାର ସ୍ଥିତି ଅନୁଧ୍ୟାନ କରି ପାରୁଛି। ଏହାସହ କିଏ ବୁଡ଼ିଗଲେ ଉଦ୍ଧାର କରିବାରେ ସାହାଯ୍ୟ କରି ପାରୁଛି। ସମୁଦ୍ରରେ ଚାଲୁଥିବା ଜାହାଜର ଭିତରର ସ୍ଥିତି କଣ ରହିଛି ଅନୁଧ୍ୟାନ କରିବା, ପାଣି ଭିତରେ ଥିବା ପାଇପ ଲାଇନ, କେବଲ ସ୍ଥିତି ଅନୁଧ୍ୟାନ କରିବାରେ ସକ୍ଷମ ହେଉଛି। ଏହାସହ ବ୍ରିଜ ତଳର ସ୍ଥିତି ଅନୁଧ୍ୟାନ କରିବା, ଡ୍ୟାମ ତଳର ସ୍ଥିତି ଅନୁଧ୍ୟାନ କରିବାରେ ସକ୍ଷମ ହେଉଛି ବୋଲି ଟିମ୍ ସଦସ୍ୟ ପ୍ରସାଦ ପାତ୍ର କହିଛନ୍ତି। ରାଉରକେଲା ଏନଆଇଟି ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତାରେ ଷ୍ଟାର୍ଟ ଅପ୍ କୋରାସିଆ ଟେକ୍ନୋଲୋଜିର ଏହି ମାନବବିହୀନ ଏହି ଅଣ୍ଡର ୱାଟର ରୋବଟ୍ ନିର୍ମାଣ କରିବାରେ ସକ୍ଷମ ହୋଇ ପାରିଛନ୍ତି ବୋଲି ଏନ୍‌ଆଇଟି, ଷ୍ଟାର୍ଟଅପ୍ ସଭାପତି ଡ. ମନୋଜ କୁମାର ମିଶ୍ର କହିଛନ୍ତି।

■ ହାଇକୋର୍ଟରେ ଚିଟ୍‌ଫଣ୍ଡ ମାମଲା

# ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ନୋଟିସ୍

**କଟକ, ୨୧।୩(ସମିସ):** ଚିଟଫଣ୍ଡ ମାମଲାରେ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଂସଦାଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ବିଶେଷକରି ଶ୍ରୀ ହାଂସଦାଙ୍କୁ ଦୁର୍ନୀତି ନିବାରଣ ଆଇନରୁ ଦୋଷମୁକ୍ତ କରିବା ପାଇଁ ନିମ୍ନ ଅଦାଲତର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସିବିଆଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସିବିଆଇ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ପ୍ରତିପକ୍ଷ ପୂର୍ବତନ ସାଂସଦ ଶ୍ରୀ ହାଂସଦାଙ୍କୁ ନୋଟିସ ଜାରି କରିଛନ୍ତି। ନବଦିଗନ୍ତ ଚିଟଫଣ୍ଡ ମାମଲାରେ ଅନ୍ୟତମ ସହ ଅଭିଯୁକ୍ତ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକଙ୍କୁ ମଧ୍ୟ ଦୁର୍ନୀତି ନିବାରଣ ଆଇନ ଧାରା ୧୩(୧)ଡି(୩)ରୁ ଦୋଷମୁକ୍ତ କରିଥିଲେ ଭୁବନେଶ୍ୱର ସିବିଆଇ ଅଦାଲତ ସ୍ୱତନ୍ତ୍ର ଜଜ୍। ଶ୍ରୀ ହାଂସଦାଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଆଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା। ସିବିଆଇ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସାର୍ଥକ ନାୟକ ମାମଲା ପରିଚାଳନା କରୁଛନ୍ତି। ଉଭୟ ମାମଲାର ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

**ଦୁର୍ନୀତି ନିବାରଣ ଆଇନରୁ ଦୋଷମୁକ୍ତ ନିର୍ଦ୍ଦେଶକୁ ସିବିଆଇର ଚ୍ୟାଲେଞ୍ଜ**

ପ୍ରକାଶଥାଉକି ନବଦିଗନ୍ତ କ୍ୟାପିଟାଲ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ସିବିଆଇ ଉଭୟ ଅଭିଯୁକ୍ତଙ୍କୁ ୨୦୧୪ ନଭେମ୍ବରରେ ଗିରଫ କରିଥିଲା। ସିବିଆଇ ପକ୍ଷରୁ ମୂଳ ମାମଲାରେ ଚାର୍ଜସିଟ୍ ଦାଖଲ ପରେ ଦୁର୍ନୀତି ନିବାରଣ ଆଇନ ଅନୁସାରେ ଦୋଷୀ ସାବ୍ୟସ୍ତ କରିବା ପାଇଁ ଅତିରିକ୍ତ ଚାର୍ଜସିଟ୍ ଦାଖଲ ହୋଇଥିଲା। ଦୁର୍ନୀତି ନିବାରଣ ଆଇନରୁ ମୁକ୍ତ ପାଇଁ ଅଭିଯୁକ୍ତଙ୍କ ଆବେଦନର ବିଚାର କରି ଏହି ଆଇନରୁ ଶ୍ରୀ ହାଂସଦାଙ୍କୁ ନିମ୍ନ ଅଦାଲତ ଗତ ୨୦୨୨ଜୁଲାଇ୬ରେ ଦୋଷମୁକ୍ତ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସିବିଆଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

